## ସଂକ୍ଷେପରେ

### ଜଗନ୍ନାଥ ଦାସ ଥିଲେ ସାହିତ୍ୟର ସର୍ବକାଳୀନ ଆଦର୍ଶ



**ଭୁବନେଶ୍ୱର, ୧୪।୯(ବ୍ୟୁରୋ):** ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ମଙ୍ଗଳବାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ୫୩୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅତିବଡ଼ୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ତଥା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ କହିଲେ, ଅତିବଡ଼ୀ ଜଗନ୍ନାଥ ଦାସ ଥିଲେ ପଞ୍ଚସଖା ଯୁଗର ମହାନ୍ ବ୍ୟକ୍ତିତ୍ୱ ଓ ସାହିତ୍ୟର ସର୍ବକାଳୀନ ଆଦର୍ଶ। ତାଙ୍କ ଭକ୍ତି କବିତା ତଥା ଓଡ଼ିଆ ଭାଗବତ ଆଜି ଘରେ ଘରେ ସୁପରିଚିତ। ସନ୍ଥ ଜଗନ୍ନାଥ ତାଙ୍କ ସାରସ୍ୱତ କୃତି ଓ କୀର୍ତ୍ତି ପାଇଁ ଉତ୍କଳର ମହାନ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଶ୍ରୀମଦ୍ ଭାଗବତ, ଧ୍ରୁବସ୍ତୁତି, ମନ ଶିକ୍ଷା ପ୍ରମୁଖ ତାଙ୍କୁ ଚିର ଅମର କରିଛି। ତାଙ୍କ ରଚନା ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ବହୁ ପ୍ରାସଙ୍ଗିକତା ବହନ କରେ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ରମେଶ ଚନ୍ଦ୍ର ପାତାଳସିଂ ଏବଂ ଅରବିନ୍ଦ ତ୍ରିପାଠୀ ଉପସ୍ଥିତ ରହି ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଭୁଶୁଡ଼ିଲା ଗୋପାଳ ତୀର୍ଥ ମଠ

**ପୁରୁଣାଭୁବନେଶ୍ୱର,୧୪।୯(ଡି.ଏନ.ଏ):** ଏକାମ୍ର କ୍ଷେତ୍ରରେ ଥିବା ୬୦୦ ବର୍ଷ ତଳର ଗୋପାଳତୀର୍ଥ ମଠ ମଙ୍ଗଳବାର ସନ୍ଧ୍ୟାରେ ଭୁଶୁଡି ପଡିଛି । ୨ଦିନ ଲଗାଣ ବର୍ଷାରେ ଭଗ୍ନ ଅବସ୍ଥାରେ ଥିବା ଏହି ମଠରେ କିଛି ଅଂଶ ଭୁଷୁଡି ଯାଇଥିଲା । ସୂଚନାଥାଉକି ଏହି ପ୍ରାଚୀନ ମଠଟି ଏକାମ୍ର ଯୋଜନାରେ ବନ୍ଦୀ ପଡିଯାଇଥିଲା । ସୌନ୍ଦର୍ଯ୍ୟକରଣ ନାଁରେ ଏହି ମଠ ପରିସରରେ ଥିବା ସମସ୍ତ ଅଂଶ ଭାଙ୍ଗିବା ବେଳେ ବିଭିନ୍ନ ଅନୁଷ୍ଠାନ ବ୍ୟକ୍ତି ବିଶେଷ ବିରୋଧ କରିଥିଲେ, ଫଳରେ ମଠକୁ ସଂପୂର୍ଣ୍ଣ ଭାବେ ଭାଙ୍ଗିବାରେ ରୋକାଯାଇଥିଲା । ଏକ ତୃତୀୟାଂଶ କେବଳ ଦେଉଳର ଭଗାଂଶେଷ ରହିଥିଲା

### ପାର୍ବଣ ପୂର୍ବରୁ ଡ୍ରେନେଜ ରାସ୍ତାକାମ ଶେଷ କର

**ପୁରୁଣା ଭୁବନେଶ୍ୱର,୧୪।୯(ଡି.ଏନ.ଏ):** ଦୁଇ ଦିନ ଲଗାଣ ବର୍ଷାରେ ରାଜଧାନୀ ଭୁବନେଶ୍ୱର ବୁଡିଥିଲା । ଯାହାକୁ ନେଇ ବିଜେଡି ଏବଂ ଭାଜପା ପରସ୍ପର ଉପରେ ଦୋଷ ଲଦାଲଦି ହୋଇଥିଲେ । ଏହାକୁ ନେଇ କୋଟିତୀର୍ଥ ଲେନ ଠାରେ ମଙ୍ଗଳବାର କଂଗ୍ରେସ ନାରୀ ନେତ୍ରୀ ରଶ୍ମୀ ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ ଉଭୟ ଦଳକୁ ଦୋଷ ଦେଇଥିଲେ । ଆସନ୍ତା ପାର୍ବଣ ପୂର୍ବରୁ ସହରରେ ଆସୁଥିବା ବିଭିନ୍ନ ଡ୍ରେନେଜ ରାସ୍ତା କାମ ଶେଷକରିବାକୁ କହିଥିଲେ । ନଚେତ୍ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଥିଲେ ।

### ଲିଙ୍ଗରାଜ ମନ୍ଦିର: କୋଭିଡ୍ କଟକଣାକୁ ଫୁ

**ପୁରୁଣା ଭୁବନେଶ୍ୱର,୧୪।୯(ଡି.ଏନ୍.ଏ.):** କରୋନା ସଂକ୍ରମଣ ଯୋଗୁ ଦୀର୍ଘଦିନ ଧରି ବନ୍ଦ ରହିବା ପରେ ଗତ ୧ତାରିଖରୁ ଶ୍ରୀଲିଙ୍ଗରାଜ ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ବଜାୟ ରଖିବା, ସାନିଟାଇଜର ବ୍ୟବହାର ଆଦି କଟକଣା ମାନିବା ପାଇଁ ରହିଛି। ମନ୍ଦିର ଖୋଲିବା ପ୍ରଥମ ଦିନ ସମସ୍ତେ ଏହି ନିୟମ ପାଳନ କରିଥିବା ବେଳେ ଏବେ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ମନ୍ଦିର ପରିସରରେ ଭକ୍ତ କିମ୍ବା ଅନ୍ୟମାନେ ମାସ୍କ ପିନ୍ଧୁ ନ ଥିବା ଦେଖିବାକୁ ମିଳିଛି। ସେହିପରି ମନ୍ଦିର ଗୁମୁଟିଠାରେ ଲଗାଯାଇଥିବା ସେନ୍ସର ସାନିଟାଇଜର ମେଶିନରେ ଆଉ ସାନିଟାଇଜର ନ ଥିବା ଜଣାପଡ଼ିଛି। ମନ୍ଦିର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହେଉଛି।

# 'ଓଡ଼ିଆ ଜାତିର ଅସ୍ମିତା ଗଢ଼ିଛି ଭାଗବତ'

ଭୁବନେଶ୍ୱର, ୧୪।୯ (ବ୍ୟୁରୋ)



ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିମାନେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାଗବତ ପାଠ ଓ ବେଦ ପାଠ କରାଯାଇଥିଲା। ପରେ ଶାଶ୍ୱତୀ ସୋସିଆଲ କଲଚରାଲ୍ ସେଣ୍ଟର ପକ୍ଷରୁ ଭାଗବତ ପାଠ ସହ ଅତିବଡ଼ୀଙ୍କ ରଚନାରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ପୌରୋହିତ୍ୟ କରି କହିଲେ, ଭାଗବତ ଏକ ଗ୍ରନ୍ଥ ହୋଇ ଏହାର ଜନ୍ମଦିବସ ପାଳନ ହେବା ସହ ଜୀବନ୍ତ ବ୍ୟକ୍ତି ଭଳି ଅନ୍ନ ଏବଂ ବ୍ୟଞ୍ଜନ ଭୋଗ ଲଗା ହେଉଛି। ଯାହାକି ସମଗ୍ର ପୃଥିବୀରେ ବିରଳ।

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଉଦ୍‌ଘାଟକ ଭାବେ ଯୋଗଦେଇ କହିଲେ, ଭାଗବତ ରଚନା ହୋଇ ନ ଥିଲେ ଓଡ଼ିଆ ଜାତିର ଅସ୍ମିତା ସମ୍ପୂର୍ଣ୍ଣ ହୋଇପାରି ନ ଥାନ୍ତା। ଓଡ଼ିଆ ଜାତିକୁ ରାଜନୀତି ନୁହେଁ ବରଂ ଭାଗବତ ଏକାଠି କରିଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ

### ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମ ସ୍ଥାନରେ ଜୟନ୍ତୀ ପାଳନ

ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ, ଆମ ରାଜ୍ୟରେ ୭ହଜାର ୨ଶହ ଭାଗବତ ଟୁଙ୍ଗୀ ସ୍ଥାପିତ ହୋଇଛି। ଓଡ଼ିଶାର ଘରେ ଘରେ ଭାଗବତର ଅସ୍ମିତାକୁ ପହଞ୍ଚାଇବା ଏହାର ଲକ୍ଷ୍ୟ। ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ ଯୁକ୍ତ ୨ ସ୍ତର ଯାଏ ସ୍କୁଲରେ ଭାଗବତକୁ ପାଠ୍ୟକ୍ରମ ଭାବେ ଅନ୍ତର୍ଭୁକ୍ତ କରାଯିବା ଦରକାର ବୋଲି ମତ ଦେଇଛନ୍ତି। ଏହାଦ୍ୱାରା ତରୁଣମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଭାବେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ନିର୍ଦ୍ଦେଶକ ଡ. ବସନ୍ତ କୁମାର ପଣ୍ଡା ଯୋଗଦେଇ ଭାଗବତ ରଚନା ସମଗ୍ର ଓଡ଼ିଶାରେ ଏକ ସାଂସ୍କୃତିକ ବିପ୍ଳବ ଆଣିଥିଲା। ଓଡ଼ିଆ ଭାଗବତ ଓଡ଼ିଆ ଜାତିର ଅସ୍ମିତା ନିର୍ମାଣ କରିଛି ବୋଲି କହିଛନ୍ତି। ଏକାଡେମୀ ସହସଚିବ ପ୍ରଦୀପ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସଭାପତି ଡ. ସଂଗ୍ରାମ ଜେନା ଉପସଂହାର ବକ୍ତବ୍ୟ ରଖିଥିଲେ। ସୁଜାତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ଏକାଡେମୀ ପକ୍ଷରୁ ପ୍ରାତଃ ୮ଟାରେ ସଂସ୍କୃତି ଭବନ ପରିସରସ୍ଥ ଅତିବଡ଼ୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ଏଥିରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ, ଏକାଡେମୀ ସଭାପତି, ଉପସଭାପତି, ସହସଚିବ, ସଦସ୍ୟ ଡ. ବିବେକାନନ୍ଦ ପାଣିଗ୍ରାହୀ, କବି ଡ. ପ୍ରସନ୍ନ କୁମାର ମହାନ୍ତି, ଖବରଦାତା ଅରୁଣ କାନୁନ୍‌ଗୋ ଓ ଏକାଡେମୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ଅତିବଡ଼ୀଙ୍କ ଜନ୍ମସ୍ଥାନ ପୁରୀ ଜିଲା କପିଳେଶ୍ୱରପୁର ଶାସନରେ ଏକାଡେମୀ ପକ୍ଷରୁ ଦିବସ ବ୍ୟାପୀ ଜୟନ୍ତୀ ସମାରୋହ ପାଳିତ ହୋଇଛି। ସଭାରେ ସାହିତ୍ୟିକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, କବି ବଦ୍ରି ମିଶ୍ର, ସଂସ୍କୃତି ଗବେଷକ ଡ. ସିଦ୍ଧେଶ୍ୱର ମହାପାତ୍ର ଏବଂ ଯୁବ ପ୍ରବଚକ ଜ୍ଞାନାନନ୍ଦ ସାଗର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୩ ଦୋକାନରେ ଚଢ଼ାଉ, ୧୫ ହଜାର ଜରିମାନା ଆଦାୟ

### ବିନା ଫୁଡ୍ ଲାଇସେନ୍ସରେ ଚାଲିଥିଲା ବ୍ୟବସାୟ

କଟକ ଅଫିସ,୧୪।୯

ମାଲଗୋଦାମ ଅଞ୍ଚଳରେ ବିନା ଫୁଡ୍ ଲାଇସେନ୍ସରେ ଚାଲିଥିବା ୩ଟି ଦୋକାନ ଉପରେ କଟକ ମହାନଗର ନିଗମ(ସିଏମ୍‌ସି) ଓ କମିଶନରେଟ ପୋଲିସ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇଥିଲା। ପରେ ୩ ଦୋକାନୀଙ୍କଠାରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେମାନେ ବିଭିନ୍ନ ସାମଗ୍ରୀରେ ଅପମିଶ୍ରଣ କରୁଥିବା ସନ୍ଦେହକରି ଏହି ଚଢ଼ାଉ କରାଯାଇଥିଲା। ଏଥିସହ ସେଠାରୁ ବିଭିନ୍ନ ସାମଗ୍ରୀର ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ନିଆଯାଇଥିଲା। ଏହି ଚଢ଼ାଉରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର, ସାନିଟାରୀ ଇନ୍ସପେକ୍ଟର ଭଗବାନ ଲେଙ୍କା ଓ ମାଲଗୋଦାମ ଥାନା ପୋଲିସ ଉପସ୍ଥିତ ଥିଲେ। ସହରର ଅନେକ ସ୍ଥାନରେ ନିମ୍ନମାନର ଓ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରି ହେଉଥିବା ଅଭିଯୋଗ ଆସିବା ପରେ ସିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଉଛି। ଏବେ କେନ୍ଦ୍ର ସରକାରଙ୍କ ତରଫରୁ ଖାଦ୍ୟ ଅପମିଶ୍ରଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଆସିଛି।



ଭୁବନେଶ୍ୱରସ୍ଥିତ ବିଜେବି ମହାବିଦ୍ୟାଳୟରେ ମଙ୍ଗଳବାର ଯୁକ୍ତ ଦୁଇ ଆଡ୍‌ମିଶନ ପାଇଁ ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ୍ ଯାଞ୍ଚ କରାଯାଉଛି।

## ବାଲିଅନ୍ତା ପଞ୍ଚାୟତ କାର୍ଯ୍ୟାଳୟ ପାଣିଘେରରେ

ବାଲିଅନ୍ତା,୧୪।୯(ଡି.ଏନ୍.ଏ.)



ପାଣି ଘେରରେ ରହିଥିବା ବାଲିଅନ୍ତା ପଞ୍ଚାୟତ କାର୍ଯ୍ୟାଳୟ।

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବାଲିଅନ୍ତା ପଞ୍ଚାୟତ କାର୍ଯ୍ୟାଳୟ, ବାଲିଅନ୍ତା ଆର୍‌ଡି ବିଭାଗ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟାଳୟ, ଗ୍ରାମ୍ୟଜଳ ଓ ପରିମଳ ବିଭାଗ ଏବଂ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟ ଚତୁଃପାର୍ଶ୍ୱ ବର୍ଷାଜଳ ଜମି ରହିଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଣ୍ଠୁଏ ଲେଖାଏ ପାଣି ରହିଛି। ମଙ୍ଗଳବାର ବର୍ଷା କମିଥିଲେ ମଧ୍ୟ ପାଣି ଖସୁ ନାହିଁ। ଏହି ୪ଟି କାର୍ଯ୍ୟାଳୟର କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକେ ବିଭିନ୍ନ କାର୍ଯ୍ୟ ପାଇଁ ପାଣିରେ ପଶି ଯିବାକୁ ବାଧ୍ୟ ହେଉଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ୪ଟି ଆବାସିକ ଗୃହ ଚତୁଃପାର୍ଶ୍ୱରେ ପାଣି ଜମି ରହିବା ଯୋଗୁ ଲୋକେ ବାହାରୁ ବାହାରିପାରୁ ନାହାନ୍ତି। ଏହି କାର୍ଯ୍ୟାଳୟ ପାଖରେ ଥିବା ଜମିଗୁଡ଼ିକରେ ଘର ନିର୍ମାଣ ଯୋଗୁ ବର୍ଷାପାଣି ନିଷ୍କାସନରେ ବାଧା ଉପୁଜିଥିବା କୁହାଯାଉଛି।

## ବେହେରା ସାହିରେ ଜଳ ଯୋଗାଣ ଠପ୍

ଭୁବନେଶ୍ୱର,୧୪।୯(ବ୍ୟୁରୋ)

### ଟ୍ୟାଙ୍କର ପାଣି ହିଁ ଭରସା

ଭୁବନେଶ୍ୱର ଆକାଶରେ ବର୍ଷା ଆସିଲେ ନୟାପଲ୍ଲୀ, ବେହେରା ସାହିର (ୱାର୍ଡ ନଂ ୩୭) ଦୁର୍ଦ୍ଦଶା କଥା ପ୍ରଶାସନ ନଜରକୁ ଆସିଥାଏ। ଲଘୁଚାପ ଜନିତ ଲଗାଣ ବର୍ଷାରେ ଏହି ଅଞ୍ଚଳରେ ଆଣ୍ଠୁଏ ପାଣି ଜମି ରହିଥିବାବେଳେ ପିଇବା ପାଇଁ ପାଣି ପାଉ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଗତ ୫ ଦିନ ହେବ ଏହି ଅଞ୍ଚଳକୁ ପିଇବା ପାଣି ଆସୁ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ କହିବା ଅନୁଯାୟୀ ନରାଜରେ କିଛି ଯାନ୍ତ୍ରିକ ସମସ୍ୟା ଯୋଗୁ ଠିକ୍ ଭାବରେ ପାଣି ଆସିପାରୁନାହିଁ। ଅସୁବିଧାଥିବା ସ୍ଥାନୀୟ ବାସିନ୍ଦାଙ୍କୁ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାନିୟ ଜଳ ଯୋଗାଇ ଦିଆଯାଉଛି। ଏଥିସହ ସେ ଏହି ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଥିବା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ବେହେରା ସାହି ଅଞ୍ଚଳ ସମେତ ବିଡିଏ, ଚନ୍ଦ୍ରଶେଖରପୁର ଓ ଜୟଦେବ ବିହାର ଏବଂ ୟୁନିଟ ୧,୨,୩,୪,୫,୬,୯ର ସରକାରୀ ଆବାସଗୁଡିକରେ ସକାଳ ସମୟରେ ପାଣି ଧୀରେ ଧୀରେ ଆସୁଛି ଯାହା ସନ୍ଧ୍ୟା ସମୟରେ ସମ୍ପୂର୍ଣ୍ଣ ଠପ୍ ହେଇଯାଉଛି। ୟୁନିଟ ୮ର ଓୟୁଏଟି ଅଞ୍ଚଳ ତଥା ଗଜପତି ନଗର, ବିଜେପି ନଗର ଓ ଲକ୍ଷ୍ମୀ ସାଗର ଝରେ ମଧ୍ୟ କିଛି ଦିନ ହେବ ଠିକ୍ ଭାବରେ ପାଣି ଆସୁ ନ ଥିବା ଅଭିଯୋଗ ଆସିଛି।

## ବର୍ଷାରେ ରାସ୍ତା ଧୋଇଗଲା

ବାଲିଅନ୍ତା,୧୪।୯(ଡି.ଏନ୍.ଏ.)

ଲଘୁଚାପଜନିତ ବର୍ଷା ଯୋଗୁ ବାଲିଅନ୍ତାସ୍ଥିତ ହଂସପାଳ- ବନମାଳିପୁର ଅଭୟମୁଖୀ ରାସ୍ତାର ବାଲିଅନ୍ତା ଅଣ୍ଡିଲୋ ଗ୍ରାମ ସମ୍ମୁଖ ନଦୀବନ୍ଧ ରାସ୍ତାଟି କ୍ଷତିଗ୍ରସ୍ତ ହୋଇଛି। ଏହି ରାସ୍ତାର ନଦୀପଟକୁ ଥିବା ମାଟି ଓ ଇଟା ସବୁ ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ଏପରିକି ମାଟି ଧୋଇ ହୋଇଯିବାରୁ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଯାଇଛି। ଫଳରେ ନଦୀବନ୍ଧ ସଂଲଗ୍ନ ରାସ୍ତାଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଲାଗିଥିବା ଲୁହାର ବ୍ୟାରିକେଡର ତଳ ଅଂଶ ମାଟି ଧୋଇ ଯିବାରୁ ଭୁଶୁଡ଼ି ଯିବା ସମ୍ଭାବନା ରହିଛି। କୁଶଭଦ୍ରା ନଦୀରେ ବନ୍ୟାଜଳ ଆସିବା ସମ୍ଭାବନା ଥିବାରୁ ଏହି କ୍ଷତିଗ୍ରସ୍ତ ନଦୀବନ୍ଧ ରାସ୍ତାର ତୁରନ୍ତ ମରାମତି କରିବା ପାଇଁ ଅଣ୍ଡିଲୋ ଗ୍ରାମବାସୀ ଦାବି କରିଛନ୍ତି।

## ଜେଲ ଅନ୍ତେବାସୀ ହେବେ ଶିକ୍ଷାର୍ଥୀ

ଭୁବନେଶ୍ୱର,୧୪।୯(ବ୍ୟୁରୋ)

### ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଷ୍ଟଡି ସେଣ୍ଟର ସ୍ଥାପନ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ଭୁବନେଶ୍ୱରସ୍ଥିତ ଝାରପଡ଼ା ସ୍ୱତନ୍ତ୍ର କାରାଗାର ପରିସରରେ ଏକ ଷ୍ଟଡି ସେଣ୍ଟର ସ୍ଥାପନ କରାଯାଇଛି। ମଙ୍ଗଳବାର ଏହା ଉଦ୍‌ଘାଟିତ ହୋଇଛି। ଉତ୍ସବରେ ଅତିଥି ଭାବେ କୁଳପତି ପ୍ରଫେସର ଡ. ଅର୍କ କୁମାର ଦାସମହାପାତ୍ର ଯୋଗଦେଇ ଶିକ୍ଷାର୍ଥୀଙ୍କ ବୁଦ୍ଧି ଓ ଜ୍ଞାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅପହଞ୍ଚଙ୍କ ସମେତ ଜେଲ ଅନ୍ତେବାସୀଙ୍କ ପ୍ରତି ଧ୍ୟାନଦେବାକୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଦୃଢ଼ ପ୍ରତିଜ୍ଞ ବୋଲି ସେ କହିଛନ୍ତି। ଅନ୍ୟତମ ଅତିଥି ଭାବେ ଜେଲ୍‌ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଯୋଗଦେଇ ଶିକ୍ଷାର ମୂଲ୍ୟବୋଧ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଜେଲ୍ ଅନ୍ତେବାସୀଙ୍କୁ ଶିକ୍ଷାର୍ଥୀ ତଥା ଶିକ୍ଷାଗତ ଯୋଗ୍ୟତା ଥିବା ପରାମର୍ଶଦାତା ଭାବେ ସାମିଲ ହେବାକୁ ସେ ଆମନ୍ତ୍ରଣ କରିଥିଲେ। ସମସ୍ତଙ୍କୁ ସମାଜର ମୂଳସ୍ରୋତକୁ ଫେରାଇ ଆଣିବା ହେଉଛି ବିଶ୍ୱବିଦ୍ୟାଳୟର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଲ ଡିଆଇଜି ଶୁଭକାନ୍ତ ମିଶ୍ର, ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସରୋଜ କୁମାର ବିଶ୍ୱାଳ, ଜେଲର ସରୋଜିନୀ ଦାସ, ବିଶ୍ୱବିଦ୍ୟାଳୟ ଆଞ୍ଚଳିକ କେନ୍ଦ୍ରର ଇନ୍‌ଚାର୍ଜ ଡ. ଦିଲ୍ଲୀପ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଝାରପଡ଼ା ସ୍ୱତନ୍ତ୍ର କାରାଗାରର ଏହି ଷ୍ଟଡି ସେଣ୍ଟରରେ ୧୫ ଜଣ ଅନ୍ତେବାସୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ପାଠ୍ୟକ୍ରମରେ ସାମିଲ ହୋଇଛନ୍ତି। କାରାଗାରର ବିଭିନ୍ନ କକ୍ଷଗୁଡ଼ିକ କ୍ଲାସରୁମ୍ ଭାବେ ବ୍ୟବହାର କରାଯାଇ ଅନ୍ତେବାସୀଙ୍କୁ ବିନାମୂଲ୍ୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ବର୍ତ୍ତମାନ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଚୌଦ୍ୱାର ସର୍କଲ ଜେଲ୍, ସମ୍ବଲପୁର ସର୍କଲ ଜେଲ୍, ବ୍ରହ୍ମପୁର ସର୍କଲ ଜେଲ୍ ଏବଂ ଝାରପଡ଼ା ସର୍କଲ ଜେଲ୍‌ରେ ମୁକ୍ତ ଶିକ୍ଷା ପ୍ରଦାନ କରିଆସୁଛି। ଭବିଷ୍ୟତରେ ରାଜ୍ୟର ସ୍ୱତନ୍ତ୍ର ଓ ମଣ୍ଡଳ କାରାଗାରରେ ବିଶ୍ୱବିଦ୍ୟାଳୟ ଷ୍ଟଡି ସେଣ୍ଟର ଖୋଲାଯିବ ଏବଂ ଏହାଦ୍ୱାରା ଅନ୍ତେବାସୀଙ୍କ ପଠନ ଇଚ୍ଛା ପୂରଣ ହୋଇପାରିବ ବୋଲି କୁଳପତି କହିଛନ୍ତି।




ଝାରପଡ଼ା ସ୍ୱତନ୍ତ୍ର କାରାଗାର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ରମାଦେବୀ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଦିବସ ସମାରୋହ

ଭୁବନେଶ୍ୱର, ୧୪।୯ (ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ହିନ୍ଦୀ ଭାଷା-ସାହିତ୍ୟ ବିଭାଗ ପକ୍ଷରୁ ହିନ୍ଦୀ ଦିବସ ସମାରୋହ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ଅଧ୍ୟକ୍ଷତା ଏବଂ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସସ୍ମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମାରୋହ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ ସେଣ୍ଟର ଅଫ୍ ଏକ୍ସିଲେନ୍ସର ପରିଚାଳିକା ତଥା ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ମଧୁସ୍ମିତା ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦିବସ ହିନ୍ଦୀ ଅସ୍ମିତାର ପରିଚୟ ବୋଲି କହିଛନ୍ତି। ଏହି ଦିବସ ପାଳନ ମାଧ୍ୟମରେ ହିନ୍ଦୀ ଭାଷା ସମସ୍ତଙ୍କୁ ଯୋଡ଼ିପାରିବ ବୋଲି ବିଭାଗୀୟ ମୁଖ୍ୟ ଡ. ସ୍ନେହଲତା ଦାସ ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭାଗର ଅତିଥି ଅଧ୍ୟାପିକା ବିଷ୍ଣୁପ୍ରିୟା ଭୁକ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଡ. ବିମଳା ପାତ୍ର ଧନ୍ୟବାଦ ଦେଇଥିଲେ।



ହିନ୍ଦୀ ଦିବସ ସମାରୋହରେ ଉପସ୍ଥିତ ଅତିଥି।

## ଏକାମ୍ର ହାଟରେ ଜମିବ ନୃତ୍ୟ ସଙ୍ଗୀତ ଆସର

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

### 'ଏକାମ୍ର ସଂସ୍କୃତି ସନ୍ଧ୍ୟା' ପାଇଁ ପ୍ରସ୍ତୁତି ବୈଠକ

ହସ୍ତଶିଳ୍ପ ଓ ହସ୍ତତନ୍ତର ଅନ୍ୟତମ ପେଣ୍ଠସ୍ଥଳ ଏକାମ୍ର ହାଟର ନବୀକରଣ ପରେ ସହରବାସୀ ଏହାକୁ ଏକ ନୂଆ ରୂପରେ ଦେଖିବାକୁ ପାଇବେ। ବିଭିନ୍ନ ସାମଗ୍ରୀ ଓ ଭୋଜନ ସହିତ ପ୍ରତି ସନ୍ଧ୍ୟାରେ ଏଠାରେ ଜମିବ ନୃତ୍ୟ ସଙ୍ଗୀତର ଆସର। ବର୍ଷ ତମାମ ଦର୍ଶକମାନେ 'ଏକାମ୍ର ସଂସ୍କୃତି ସନ୍ଧ୍ୟା'ରେ ଓଡ଼ିଶୀ ନୃତ୍ୟ, ସଙ୍ଗୀତ ସାଙ୍ଗକୁ ଲୋକନୃତ୍ୟ ଓ ଲୋକକଳାର ମଜା ଉଠାଇ ପାରିବେ। ଏ ନେଇ ଓଡ଼ିଆ ଭାଷା ସଂସ୍କୃତି ବିଭାଗ ସହ ପର୍ଯ୍ୟଟନ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ରାଜ୍ୟ କଳା ଓ ହସ୍ତଶିଳ୍ପ ଉନ୍ନୟନ ଅନୁଷ୍ଠାନ, ୟୁନିସେଫ୍, ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ଏବଂ କମିଶନରେଟ ପୋଲିସର ମିଳିତ ସହଭାଗିତାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ଭର୍ଚୁଆଲ ବୈଠକରେ ବର୍ଷ ତମାମ ଏକାମ୍ର ହାଟରେ ହେବାକୁ ଥିବା ଉତ୍ସବର ସଫଳ ଆୟୋଜନ ପାଇଁ ଆବଶ୍ୟକ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ଆଲୋଚନା କରାଯାଇଛି। ଏଥିରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ସଚିବ ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇ ଓଡ଼ିଶାର ଶ୍ରେଷ୍ଠତାକୁ ଅନ୍ୟ ରାଜ୍ୟ ଓ ଦେଶରୁ ଆସିଥିବା ପର୍ଯ୍ୟଟକଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓଡ଼ିଶାର କଳା, ହସ୍ତତନ୍ତ, ଖାଦ୍ୟ ଓ ସଂସ୍କୃତିର ନିଦର୍ଶନ ହେବାକୁ ଥିବା ଏହି ମେଳାର ସଫଳ ଆୟୋଜନ ନିମନ୍ତେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଏହି ପରିକଳ୍ପନାର ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗ ଉପରେ ଭିନ୍ନ ଭିନ୍ନ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଓଡ଼ିଶାର ବୀରତ୍ୱ ଗାଥା ବଖାଣୁଥିବା 'ପାଇକ ବିଦ୍ରୋହ' ଏବଂ ଓଡ଼ିଆ ପରମ୍ପରାର ଏକ ପରିଚୟ 'କାଞ୍ଚି ଅଭିଯାନ'କୁ ପ୍ରଥମ ସନ୍ଧ୍ୟାରେ ପରିବେଶଣ କରାଯାଇପାରେ ବୋଲି ଆଶାବ୍ୟକ୍ତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାରମ୍ଭ ଏବଂ ଶେଷରେ ଦର୍ଶକଙ୍କୁ ୟୁନିସେଫ ସହାୟତାରେ କୋଭିଡ ସଚେତନତା ବାର୍ତ୍ତା ପ୍ରଦାନ କରାଯିବ। ତେବେ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ଓ ନୀତି ନିର୍ଦ୍ଧାରଣ ନିମନ୍ତେ ଆଉ ଏକ ବୈଠକ ବିଭାଗୀୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏହି ବୈଠକ ପ୍ରାରମ୍ଭରେ ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଷୋୟୀ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ସମ୍ପାଦକ ପ୍ରବୋଧ ରଥ, ଓଡ଼ିଶୀ ଗବେଷଣା କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଗୀତା ଗୋସାଇଁ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ରୀନା ମହାପାତ୍ର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପସଚିବ ସଞ୍ଜୟ କୁମାର ମିଶ୍ର, ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଏବଂ ରାଜ୍ୟ କଳା ଓ ହସ୍ତଶିଳ୍ପ ଉନ୍ନୟନ ଅନୁଷ୍ଠାନର ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ।

## ସଂକ୍ଷେପରେ

### ବର୍ଷାରେ ୧୦ ଫୁଟ୍ ଦବିଲା କୂଅ



ଝାଁଳା,୧୪।୯(ଡି.ଏନ୍.ଏ.):ଲଘୁଚାପଜ ନିତ ଲଗାଣ ବର୍ଷାରେ ମଙ୍ଗଳବାର ଝାଁଳା ଫାଣ୍ଡି ଅନ୍ତର୍ଗତ ବଡ଼ରଘୁନାଥପୁର ଗ୍ରାମର ଏକ କୂଅ ୧୦ଫୁଟ୍ ତଳକୁ ଦବିଯାଇଛି। ଫଳରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସୂଚନା ଅନୁଯାୟୀ, ବର୍ଷା ଯୋଗୁ ମଙ୍ଗଳବାର ଅପରାହ୍ନରେ କୂଅଟି ହଠାତ୍ ଦବି ଯାଇଥିଲା। ଏହା ଦେଖି କେତେଜଣ ପରିବାର ହୋହଲ୍ଲା କରିବା ସହ ଘରୁ ବାହାରିକ ପଳାଇଆସିଥିଲେ। ଅନ୍ୟପଟେ କୂଅ ପରି ଘର ଦବିବା ଭୟରେ କେତେକ ପରିବାର ଘର ଛାଡ଼ି ବାହାରେ ବସିଥିବା ଦେଖିବାକୁ ମିଳିଥିଲା।

### ଡଙ୍ଗା ଜବତ, ଥାନାରେ ଏତଲା

କୃଷ୍ଣପ୍ରସାଦ,୧୪।୯(ଡି.ଏନ୍.ଏ.): ଲଗାଣ ବର୍ଷା ଯୋଗୁ ପ୍ରଶାସନ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ଚିଲିକା ମଧ୍ୟକୁ ଯିବାକୁ ମନା କରାଯାଇଛି। ସେହିପରି ଜହ୍ନିକୁଦା ଚିଲିକା ଦେଇ ସାତପଡ଼ା ଯାତାୟାତ କରୁଥିବା ଭସାପୋଲ ଏବଂ ଡଙ୍ଗା ଚଳାଚଳକୁ ବାରଣ କରାଯାଇଛି। ଫଳରେ ସାଧାରଣ ଜୀବନ ଯାତ୍ରା ଠପ୍ ହୋଇଯାଇଛି। ଲୋକମାନେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ନେଇ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ଆସିପାରୁ ନ ଥିବା ବେଳେ ମତ୍ସ୍ୟଜୀବୀ ଏବଂ ଡଙ୍ଗା ଚାଳକମାନେ ହାତବାନ୍ଧି ବସିଛନ୍ତି। ମଙ୍ଗଳବାର ଜଣେ ଡଙ୍ଗା ଚଳକ ବେଆଇନ ଭାବେ ସାତପଡ଼ାରୁ ଯାତ୍ରୀଙ୍କୁ ନେଇ ଜହ୍ନିକୁଦା ଆସିଥିବା ବେଳେ କୃଷ୍ଣପ୍ରସାଦ ତହସିଲଦାର ଉଲ୍ଲାସ କୁମାର ସେଠୀ ଉକ୍ତ ଡଙ୍ଗାକୁ ଜବତ କରଛନ୍ତି। ଏଥିସହ ଚାଳକଙ୍କ ନାମରେ ତହସିଲଦାର ସେଠୀ ଥାନାରେ ଏତଲା ଦେଇଛନ୍ତି। ଏହି ଚଢ଼ାଉ ବେଳେ ଅନ୍ୟମାନଙ୍କ ମଧ୍ୟରେ ଚିଲିକା ନୂଆପଡା ଫାଣ୍ଡି ଅଧିକାରୀ ବଟକୃଷ୍ଣ ସାହୁ, ରାଜସ୍ୱ ନିରୀକ୍ଷକ ଜ୍ୟୋତି ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବଟି ମାଗି ୨ ଗିରଫ, ବନ୍ଧୁକ ଜବତ



ଜଟଣୀ,୧୪।୯(ଡି.ଏନ୍.ଏ.): ବଟି ମାଗିବା ଅଭିଯୋଗରେ ଜଟଣୀ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜଟଣୀ ପୌରାଞ୍ଚଳ ଟ୍ରାଫିକ କଲୋନୀ ଅଞ୍ଚଳର କେ.କାମେଶ୍ୱର ରାଓ ଓ ବାଲିଛକ ମୁଣ୍ଡିଆସାହିର ଶ୍ୟାମ ଦଳେଇ ଓରଫ ଲିଙ୍ଗା। ଏମାନଙ୍କ ନିକଟରୁ ଏକ ବନ୍ଧୁକ ଜବତ ହୋଇଛି। ସୂଚନା ମୁତାବକ, ଗତ ୧୩ ତାରିଖରେ ଜଟଣୀ ପୌରାଞ୍ଚଳ ଲୋକକଲୋନୀ ମାଣିଆଛକ ଭଗବତୀ ମନ୍ଦିର ନିକଟରେ ରହୁଥିବା ଜଣେ ଯୁବତୀଙ୍କୁ ଅଭିଯୁକ୍ତମାନେ ବଟି ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତଦ୍ୱୟ ଯୁବତୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରିବା ସହ ଧମକ ଦେଇଥିଲେ। ଯୁବତୀ ଜଣକ ଚିତ୍କାର କରିବାରୁ ପଡିଶା ଲୋକେ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତଦ୍ୱୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (୪୬୮/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ସୋମବାର ପୋଲିସ ଅଭିଯୁକ୍ତଙ୍କୁ ଧରିବା ସହ ବନ୍ଧୁକ ଜବତ କରିଥିଲା।

### ଜଟଣୀ କୋର୍ଟର ପ୍ରତିଷ୍ଠା ଦିବସ ପାଳିତ

ଜଟଣୀ,୧୪।୯(ଡି.ଏନ୍.ଏ.): ଜଟଣୀ ସିଭିଲ୍ ଜଜ୍ ଜୁନିୟର ଡିଭିଜନ୍ କମ୍ ଜେଏମ୍ଏଫ୍ସି କୋର୍ଟ ସ୍ଥାପନର ଦୁଇ ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ଜଟଣୀ ଲୟର୍ସ ଆସୋସିଏଶନ ପକ୍ଷରୁ ନିରାଡମ୍ବର ଭାବେ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଜଟଣୀ ଲୟର୍ସ ଆସୋସିଏସନର ସଭାପତି ସୁଶୀଲ କୁମାର ମହାନ୍ତି,ସମ୍ପାଦକ ଶିବ ପ୍ରସାଦ ରଥ,କୋଷାଧକ୍ଷ ଅରୁଣ ସାହୁ,ଅକ୍ଷୟ ସହୁ,କାହ୍ନୁଚରଣ ପ୍ରଧାନ, ମନମୋହନ ରାଉତରାୟ,ଶଶାଙ୍କ ରାୟ,ପଦ୍ମଚରଣ ପ୍ରଧାନ ପ୍ରମୁଖ ଜେଏମ୍ଏଫ୍ସି ଧ୍ରୁବି ଶୋଲାଙ୍କୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ । ଆଗାମୀ ଦିନରେ କୋର୍ଟର ଉନ୍ନତୀ ସହିତ କିପରି ସାଧାରଣ ଜନତା ଉପଯୁକ୍ତ ସେବା ପାଇପାରିବେ ସେ ନେଇ ଆଲୋଚନା କରିଥିଲେ ।

# ‘ଲୋକଙ୍କ ଅଭିଯୋଗକୁ ପ୍ରଥମେ ସମାଧାନ କର’

ଖୋର୍ଦ୍ଧା ଅଫିସ,୧୪।୯

**ଉନ୍ନୟନମୂଳକ ଯୋଜନାର ସମୀକ୍ଷା କଲେ ଆର୍‌ଡିସି**



ବୈଠକରେ ଆର୍‌ଡିସି ଅନିଲ କୁମାର ସାମଲ ଓ ଜିଲାପାଳ।

- ଅନୁକମ୍ପାରାଶି ହିତାଧିକାରୀଙ୍କୁ ତୁରନ୍ତ ଦିଅ
- ସରକାରୀ ଜାଗା ଜବରଦଖଲ ମୁକ୍ତ କର

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) ଅନିଲ କୁମାର ସାମଲ ଖୋର୍ଦ୍ଧା ଗସ୍ତରେ ଆସି ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳ ସନତ ମହାନ୍ତି ଜିଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାର ରାଜସ୍ୱ ଆଦାୟ ସନ୍ତୋଷଜନକ ରହିଛି ବୋଲି କହିଥିଲେ। ବିଭିନ୍ନ ବିଭାଗରେ ରହିଥିବା ଜମିଜମା ଏବଂ ଅନ୍ୟାନ୍ୟ ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରି କାର୍ଯ୍ୟାନୁଷ୍ଠାନ ନିଅ। ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ବିଭାଗକୁ ଆସୁଥିବା ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଆର୍‌ଡିସି ସାମଲ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ରହିଥିବା ଷ୍ଟାଫ କର୍ମଚାରୀଙ୍କ ସଂଖ୍ୟା ଏବଂ ଖାଲିଥିବା ପଦବୀ ସମ୍ପର୍କରେ ସମୀକ୍ଷା କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନୁକମ୍ପାମୂଳକ ଆର୍ଥିକ ସହାୟତା ପାଇବା ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ପ୍ରଦାନ ବ୍ୟବସ୍ଥା କରିବାକୁ କହିଥିଲେ। ଅବକାରୀ, ଜିଲା ଶିଶୁ ଓ ମହିଳା ବିଭାଗ ସମୀକ୍ଷା କରିବା ସହ ମହିଳା ଓ ଶିଶୁଙ୍କ ଯତ୍ନ ଉପରେ ଗୁରୁତ୍ୱରୋପ କରିଥିଲେ। ରାଜ୍ୟ ସରକାର ମିଶନ ଶକ୍ତି ଜରିଆରେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ମମତା ଯୋଜନା, ଅଙ୍ଗନୱାଡି ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ। ଜବରଦଖଲରେ ରହିଥିବା ସରକାରୀ ଜାଗା ଉଚ୍ଛେଦ ସହ ଏହାର ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ଲଘୁଚାପ ବର୍ଷାରେ ଖୋର୍ଦ୍ଧା ଜିଲାରେ ବିଶେଷ କ୍ଷୟକ୍ଷତି ହୋଇନାହିଁ, ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଜିଲାରେ ସମସ୍ତ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ସଜାଗ ରହିଛନ୍ତି। ଜିଲାରେ ୫ ଟି ମୋ ସରକାର କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୀକ୍ଷା ବୈଠକ ବେଳେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ, ଖୋର୍ଦ୍ଧା ଉପଜିଲାପାଳ ଆଇ ଗୌରବ ଶିବାଜୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଆର୍‌ଡିସିଙ୍କ କାର୍ଯ୍ୟାଳୟର ପେନସନ ଅଫିସର, ସହକାରୀ ପେନସନ ଅଫିସର ପ୍ରମୁଖ ଉପସ୍ଥିତ ଥିଲେ।

## ଛତ୍ରପଡ଼ାରୁ ଦାରୁ ଗଲା ବଡ଼ପୋଖରିଆ



ଦାରୁ ଶଗଡ଼ିକୁ ଭକ୍ତମାନେ ଟାଣି ନେଉଛନ୍ତି।

ବେଗୁନିଆ,୧୪।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବଡ଼ପୋଖରିଆ ଜଗନ୍ନାଥ ମନ୍ଦିରର ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ଗତ ଜୁନ ୯ରେ ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଛତ୍ରପଡ଼ା ଗ୍ରାମରୁ ଦାରୁ ଚୟନ କରାଯାଇଥିଲା। ଜୁନ ୨୦ରେ ଗ୍ରାମର ଆରାଧ୍ୟା ଦେବୀ ମା’କ୍ଷେତ୍ରେଶ୍ୱରୀଙ୍କ ଆଜ୍ଞାମାଳ ସ୍ଥାପନ ସହ ଦାରୁ ନିମନ୍ତ୍ରଣ କରାଯାଇଥିଲା। ଗତ ସୋମବାର ହୋମ ଯଜ୍ଞ କରାଯାଇ ଦାରୁ ଛେଦନ କରାଯାଇଥିଲା। ମଙ୍ଗଳବାର ଏହି ଦାରୁ ଛତ୍ରପଡ଼ାରୁ ବାଦବାରବାଟୀ, ବାଲଧାଡି, ନିଧିପୁର, କଲରାଝର, ହଜ, ଛଣଗିରି, ରମ୍ଭବିଲ, ଜଙ୍କିଆ, ରାମେଶ୍ୱର, ରତାମାଟି ଦେଇ ବଡ଼ପୋଖରିଆ ଅଭିମୁଖେ ଯାତ୍ରା କରିଛନ୍ତି। ଘଣ୍ଟ, ଘଣ୍ଟା, ନାମ ସଂକୀର୍ତ୍ତନ ଦ୍ୱାରା ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ହରିବୋଲ, ହୁଳହୁଳି ସହ ଆଗରେ ହନୁମାନଙ୍କ ନୃତ୍ୟରେ ଭକ୍ତମାନେ ଦାରୁ ଶଗଡ଼ିକୁ ଟାଣି ନେଇଥିଲେ। ହଜାର ହଜାର ଭକ୍ତଙ୍କ ଗହଣରେ ଦାରୁ ଆଗକୁ ଆଗକୁ ମାଡି ଚାଲିଥିଲା। ପ୍ରତ୍ୟେକ ଗାଁ ମୁଣ୍ଡରେ ପହୁଡ ପକାଇ ଦୂବ, ବରକୋଳି ପତ୍ର, ଅରୁଆ ଚାଉଳ ସହ ନଡ଼ିଆ ଭୋଗ କରିଥିଲେ।୨୦୨୨ ଫେବୃୟାରୀ ୭ରେ ଶମ୍ଭୁ ମିଳନ ଓ ପୂର୍ଣ୍ଣାହୁତି ପ୍ରଦାନ କରାଯିବ ବୋଲି ଦାରୁ ଚୟନ କମିଟି ପକ୍ଷରୁ କୁହାଯାଇଛି।

# ପ୍ରତି ଘରକୁ ପାଇପ ପାନୀୟ ଜଳଯୋଗାଣ ହେବ



ବୈଠକରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ।

**ଖୋର୍ଦ୍ଧା ଜିଲା ଦିଶା ବୈଠକ**

ଖୋର୍ଦ୍ଧା ଅଫିସ,୧୪।୯

ଖୋର୍ଦ୍ଧା ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅଧକ୍ଷତା କରିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ ଜିଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଶୁଦ୍ଧ ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ଜଳସେଚନ, ଖାଦ୍ୟ ସୁରକ୍ଷା, କୃଷି, ସୋସିଆଲ ସିକ୍ୟୁରିଟି, ଏମଜିଏନଆରଇଜିଏସ ଆଦି ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଜିଲାର ୧୯୦ପଞ୍ଚାୟତର ସମସ୍ତଙ୍କ ଘରେ ଘରେ ପହଞ୍ଚିବ ବିଶୁଦ୍ଧ ପାନୀୟଜଳ। ସମସ୍ତଙ୍କ ଘରକୁ ପାଇପ ଯୋଗେ ପାନୀୟ ଜଳ (ଟ୍ୟାପ ୱାଟର) ସଂଯୋଗ କରାଯିବ। ଏଥିରୁ କେହି ବି ବାଦ ପଡିବେନି, ସେଥିପ୍ରତି ଗୁରୁତ୍ୱ ଦିଆଯିବ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରୁ ବାଦ ପଡିଥିବା କିମ୍ବା ରାସ୍ତା ସଂଯୋଗ ହୋଇ ନ ଥିବା ଗ୍ରାମକୁ ଅଗ୍ରାଧିକାର ଭିତ୍ତିରେ ସଡ଼କ ସଂଯୋଗ କରାଯିବ। ଜିଲାରେ ୮୦ପ୍ରତିଶତ ଗ୍ରାମାଞ୍ଚଳକୁ ଗ୍ରାମ୍ୟ ସଡକ ସହ ସଂଯୋଗ କରାଯାଇଛି। ରାଶନକାର୍ଡ ଏବଂ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାରେ ୩୫ପ୍ରତିଶତ ଜଳସେଚିତ ଚାଷଜମି ରହିଛି। ତୃଣମୂଳସ୍ତର ପର୍ଯ୍ୟନ୍ତ ଚାଷଜମିକୁ ଜଳସେଚିତ କରାଯାଇପାରିବ, ସେନେଇ ଆଲୋଚନା କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଯେପରି ସମସ୍ତ ଚାଷୀ ଉପକୃତ ହୋଇପାରିବେ, ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ୬୦ରୁ ୬୫ବର୍ଷ ମଧ୍ୟରେ ରହିଥିବା ବରିଷ୍ଠ ନାଗରିକ ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ୬୫ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଏଥିରୁ ବଞ୍ଚିତ ହୋଇଥିବା ନେଇ କେତେଜଣ ଜନ ପ୍ରତିନିଧି କହିଥିଲେ। ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ପିଡି ଡିଆରଡିଏ ରାଉତରାୟ କହିଥିଲେ। ଆବାସ ଯୋଜନାରେ ଏମପି, ବିଧାୟକ ଏବଂ ବିଭିନ୍ନ ଜନପ୍ରତିନିଧିଙ୍କ ଠାରୁ ୮ହଜାରୁ ଊର୍ଦ୍ଧ୍ୱ ଅଭିଯୋଗ ଆସିଛି। ଏହାକୁ ତର୍ଜମା କରାଯିବା ପରେ ସେଥିରୁ ପ୍ରାୟ ୧ହଜାର ପ୍ରକୃତ ହିତାଧିକାରୀ ଆବାସ ଯୋଜନାରେ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ପିଡି ଡିଆରଡିଏ କହିଛନ୍ତି। ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା କିଭଳି ଲୋକଙ୍କ ନିକଟରେ ପହଞ୍ଚିବ, ସେନେଇ ଏମ୍‌ପି ଷଡ଼ଙ୍ଗୀ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ସମୀକ୍ଷା କରିବା ସହ ତ୍ୱରାନ୍ୱିତ ଲାଗି ଏମ୍‌ପି ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଲାଇ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପାର୍ବଣ ପୂର୍ବରୁ ଡ୍ରେନେଜ୍, ରାସ୍ତା କାର୍ଯ୍ୟ ଶେଷ କର

ପୁରୁଣା ଭୁବନେଶ୍ୱର,୧୪।୯(ଡି.ଏନ.ଏ)

ଲଘୁଚାପଜନିତ ଲଗାଣବର୍ଷାରେ ରାଜଧାନୀ ଭୁବନେଶ୍ୱରର କେତେକ ସ୍ଥାନ ଜଳମଗ୍ନ ହୋଇପଡ଼ିଥିଲା। ଏହାକୁ ନେଇ ବିଜେଡି ଏବଂ ଭାଜପା ପରସ୍ପର ଉପରେ ଦୋଷ ଲଦାଲଦି ହୋଇଥିଲେ। ମଙ୍ଗଳବାର କୋଟିତୀର୍ଥ ଲେନ ଠାରେ କଂଗ୍ରେସ ନାରୀ ନେତ୍ରୀ ରଶ୍ମୀ ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ ଉଭୟ ଦଳକୁ ଦୋଷ ଦେଇଥିଲେ। ଆସନ୍ତା ପାର୍ବଣ ପୂର୍ବରୁ ସହରରେ ଆସୁଥିବା ବିଭିନ୍ନ ଡ୍ରେନେଜ, ରାସ୍ତା କାମ ଶେଷ କରିବାକୁ କହିଥିଲେ। ନଚେତ୍ କଂଗ୍ରେସ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।

## ଲିଙ୍ଗରାଜ ମନ୍ଦିର: କୋଭିଡ୍ କଟକଣାକୁ ଫୁ

ପୁରୁଣା ଭୁବନେଶ୍ୱର,୧୪।୯(ଡି.ଏନ୍.ଏ.)

କରୋନା ସଂକ୍ରମଣ ଯୋଗୁ ଦୀର୍ଘଦିନ ଧରି ବନ୍ଦ ରହିବା ପରେ ଗତ ୧ତାରିଖରୁ ଶ୍ରୀଲିଙ୍ଗରାଜ ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ବଜାୟ ରଖିବା, ସାନିଟାଇଜର ବ୍ୟବହାର ଆଦି କଟକଣା ମାନିବା ପାଇଁ ରହିଛି। ମନ୍ଦିର ଖୋଲିବା ପ୍ରଥମ ଦିନ ସମସ୍ତେ ଏହି ନିୟମ ପାଳନ କରିଥିବା ବେଳେ ଏବେ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ମନ୍ଦିର ପରିସରରେ ଭକ୍ତ କିମ୍ବା ଅନ୍ୟମାନେ ମାସ୍କ ପିନ୍ଧୁ ନ ଥିବା ଦେଖିବାକୁ ମିଳିଛି। ସେହିପରି ମନ୍ଦିର ଗୁମୁଟିଠାରେ ଲଗାଯାଇଥିବା ସେନ୍ସର ସାନିଟାଇଜର ମେଶିନରେ ଆଉ ସାନିଟାଇଜର ନ ଥିବା ଜଣାପଡ଼ିଛି। ମନ୍ଦିର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହେଉଛି।

## ପୁରୀ ହେଉ ଆଧାତ୍ମିକ ରାଜଧାନୀ

ପୁରୀ ଅଫିସ,୧୪।୯

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ସଂସ୍ଥାପିତ ପୀଠ ପରିଷଦ, ଆଦିତ୍ୟବାହିନୀ ଓ ଆନନ୍ଦବାହିନୀର ୨ଦିନିଆ ଓଡ଼ିଶା ପ୍ରାନ୍ତୀୟ ପରିଷଦ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶଙ୍କରାଚାର୍ଯ୍ୟ କହିଛନ୍ତି, ଗ୍ରାମୀଣସ୍ତରରେ ଆଦିତ୍ୟବାହିନୀର ସ୍ଥାପନାକୁ ତୀବ୍ର କରିବାର ଆବଶ୍ୟକ ରହିଛି। ମୁମ୍ବାଇ ତାଜ ହୋଟେଲରେ ଆତଙ୍କି ଆକ୍ରମଣ ଭଳି ପୁରୀରେ ମଧ୍ୟ ଏଭଳି ନ ହେବ ବୋଲି କହି ହେବ ନାହିଁ। ଗତ ୨୮ବର୍ଷ ହେବ ପୁରୀ ଶ୍ରୀମନ୍ଦିର ଆତଙ୍କବାଦୀଙ୍କ ନଜରରେ ରହିଛି। ଏକଥା ମୁଁ ପୁରୀ ଜିଲାପାଳଙ୍କୁ ମଧ୍ୟ କହିଛି। ଆଗାମୀ ତିନି ବର୍ଷରେ ଭାରତକୁ ହିନ୍ଦୁରାଷ୍ଟ୍ରରେ ପରିଣତ କରିବା ଓ ପୁରୀକୁ ଆଧାତ୍ମିକ ରାଜଧାନୀରେ ପରିଣତ କରିବା ପାଇଁ ମିଳିତ ପ୍ରୟାସର ଆବଶ୍ୟକତା ରହିଛି। ଘରେ ଘରେ ଆଦିତ୍ୟବାହିନୀ କାର୍ଯ୍ୟକର୍ତ୍ତା ପ୍ରସ୍ତୁତ ହେଲେ ଏହା ସମ୍ଭବ ବୋଲି ମହାରାଜ କହିଛନ୍ତି। ଓଡ଼ିଶାର ସମସ୍ତ ଜିଲାର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରୁ ୮୦ଜଣ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ପରିଷଦର ସମସ୍ତ ବିଭାଗର ସଙ୍ଗଠନ ସଚିବ ଓ ପୀଠ ପରିଷଦର ପ୍ରେରକ, ନିରୀକ୍ଷକ ଓ ମାର୍ଗଦର୍ଶକ ପ୍ରମୁଖ ଉପସ୍ଥିତ ଥିଲେ।

## ସମସ୍ତ ଭାଷା ମଧ୍ୟରେ ସମନ୍ୱୟ ରଖେ ହିନ୍ଦୀ



କାର୍ଯ୍ୟକ୍ରମରେ ଅଧିକାରୀ ଓ କର୍ମଚାରୀମାନେ ଶପଥ ଗ୍ରହଣ କରୁଛନ୍ତି।

ବେଗୁନିଆ/ଜଟଣୀ,୧୪।୯(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଗଡ଼ମାଣତୀରସ୍ଥିତ ମା’ ରାମଚଣ୍ଡୀ ହିନ୍ଦୀ ବିଦ୍ୟାପୀଠ ପରିସରରେ ମଙ୍ଗଳବାର ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ସରସ୍ୱତୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଲୋକ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତାଭାବେ ବଳରାମ ରଣସିଂହ, ଅତିଥିଭାବେ ଲକ୍ଷ୍ମୀଧର ମହାପାତ୍ର ଓ ତ୍ରିଲୋଚନ ବାଘସିଂହ ଯୋଗ ଦେଇଥିଲେ। ‘ଏକ ରାଷ୍ଟ୍ର ଏକ ଭାଷା’ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭାରତୀୟ ସମ୍ବିଧାନରେ ୧୯୩୯ରେ ହିନ୍ଦୀ ଭାଷାକୁ ରାଷ୍ଟ୍ରୀୟ ମାନ୍ୟତା ମିଳିଥିଲା। ହିନ୍ଦୀ ଭାଷାକୋଷରୁ ପ୍ରଚଳିତ ୨୨ଟି ଭାଷାର ଉତ୍ପତ୍ତି ହୋଇଛି। ତେବେ ସମସ୍ତ ଭାଷାକୁ ସମନ୍ୱୟ ରକ୍ଷା କରିବାରେ ହିନ୍ଦୀର ପ୍ରମୁଖ ଭୂମିକା ରହିଛି ବୋଲି ରଣସିଂହ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ଲକ୍ଷ୍ମୀପ୍ରିୟା ହରିଚନ୍ଦନ, ଅନନ୍ୟା ପ୍ରିୟଦର୍ଶିନୀ, ଲକ୍ଷ୍ମୀପ୍ରିୟା ପାଳ ପ୍ରମୁଖ ଉପସ୍ଥିତ ଥିଲେ। ହିନ୍ଦୀ ଓଡ଼ିଶା ରାଷ୍ଟ୍ର ଭାଷା ପରିଷଦ, ପୁରୀ ଓ ରାମଚଣ୍ଡୀ ବିଦ୍ୟାପୀଠର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ନିରଞ୍ଜନ ବହେରା ଅତିଥି ପରିଚୟ, ସୌମ୍ୟରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି ଖୋର୍ଦ୍ଧାରୋଡ ରେଳମଣ୍ଡଳ ରାଜଭାଷା ବିଭାଗ ପକ୍ଷରୁ ହିନ୍ଦୀ ପକ୍ଷ ପାଳିତ ହୋଇଛି। ଏଥିରେ ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ଅଧ୍ୟକ୍ଷତା କରିଥିଲେ। ବୈଦ୍ୟୁତିକ ଯନ୍ତ୍ରୀ ପି.କେ. ମହାପାତ୍ରଙ୍କ ସମେତ ସହକାରୀ କାର୍ମିକ ଅଧିକାରୀ ସୋଭିକ୍ ସାହ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହା ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ସରକାରୀ କାର୍ଯ୍ୟରେ ହୀନ୍ଦୀ ଭାଷାକୁ ପ୍ରୟୋଗ କରି ମହତ୍ତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେଇଥିବାରୁ ବିଭାଗକୁ ଧନ୍ୟବାଦ ଜଣାଇବା ସହିତ ସମସ୍ତଙ୍କୁ ରାଜଭାଷା ଶପଥ ପାଠ କରାଇଥିଲେ। ଏହି ଅବସରରେ ଅନ୍‌ଲାଇନ୍‌ରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜଭାଷା ଅଧିକାରୀ ୟେଲିନା ପଣ୍ଡା ସଂଯୋଜନା କରିଥିଲେ।

## ସ୍କୁଲରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ଖୋର୍ଦ୍ଧା ଅଫିସ,୧୪।୯

ଖୋର୍ଦ୍ଧା ସଦର ଥାନା ଅଧୀନ ଗୁଡୁମ ମାନଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟରୁ ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ସାମଗ୍ରୀ ଚୋରି କରିନେଇଛନ୍ତି। ୩ଟି କମ୍ପ୍ୟୁଟର, ୧୪ ଚେୟାର, ପିଲାଙ୍କ ଡ୍ରେସ ଓ ଜୋତା, ଅଫିସ ଆଲମିରାରେ ବିଦ୍ୟାଳୟର ୧୦ହଜାର ଟଙ୍କା ଚୋରି କରି ନେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳତା ବେହେରା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ସ୍କୁଲରେ ପହଞ୍ଚି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ସୂଚନା ମୁତାବକ, ମଙ୍ଗଳବାର ପ୍ରଧାନ ଶିକ୍ଷୟିତ୍ରୀ ବେହେରା ଏବଂ ଅନ୍ୟ ଜଣେ କର୍ମଚାରୀ ସ୍କୁଲରେ ପହଞ୍ଚିବା ବେଳେ ତାଲା ଭାଙ୍ଗିଥିବା ଏବଂ ବିଭିନ୍ନ ସାମଗ୍ରୀ ଏଣେତେଣେ ପଡିଥିବା ଦେଖି ପୋଲିସକୁ ଜଣାଇଥିଲେ।

## ୨ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ



ଓଗରସୁଆଁ ରାସ୍ତାରେ ପାଣି ପ୍ରବାହିତ ହେଉଛି।

ଜଟଣୀ,୧୪।୯(ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ ଜଟଣୀ ବ୍ଲକ କୁଶମାଟି ଛଣଘର ପଞ୍ଚାୟତର ଓଗରସୁଆଁ ଓ ଛେଳଦା ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଗ୍ରାମ ଖୋର୍ଦ୍ଧା ଏବଂ ଡେରାସ୍ ଖୁମୁକା ଅଞ୍ଚଳର ପାଣି ଉକ୍ତ ଗ୍ରାମ ଦେଇ ପ୍ରବାହିତ ହୋଇଥାଏ। ଫଳରେ ଚାଷ ଜମି ସହିତ ରାସ୍ତା ଉପରେ ପାଣି ପ୍ରବାହିତ ହୋଇଥାଏ। ବର୍ଷ ବର୍ଷଧରି ସମସ୍ୟା ଭୋଗୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନ କରାନଯିବାରୁ ବନ୍ୟା ଜଳ ପ୍ରବାହିତ ହେବା ଫଳରେ ଏହି ଦୁଇ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥାଏ ବୋଲି ସରପଞ୍ଚ ସୁନଲ ରାଉତରାୟ କହିଛନ୍ତି। ବିଡିଓ ସରୋଜ ରାଉଳ ଉକ୍ତ ଅଞ୍ଚଳ ପରିଦର୍ଶନ କରି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ୩୦୭ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ

ଖୋର୍ଦ୍ଧା ଅଫିସ,୧୪।୯

- ୬୨ ଗାଁ, ୫୦ ୱାର୍ଡ ପ୍ରଭାବିତ
- ୨୬୮ ଘର, ଗୋଟିଏ ହାଇସ୍କୁଲ କୋଠା ଭାଙ୍ଗିଛି
- ୨୨ରେ ସମ୍ପୂର୍ଣ୍ଣ କ୍ଷୟକ୍ଷତିର ରିପୋର୍ଟ

ଲଘୁଚାପଜନିତ ଲଗାଣ ବର୍ଷାରେ ଖୋର୍ଦ୍ଧା ଜିଲା ବିଶେଷ ପ୍ରଭାବିତ ହୋଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ ସାମଲଙ୍କ ଖୋର୍ଦ୍ଧା ଜିଲା ସମୀକ୍ଷା ବୈଠକରେ ଲଘୁଚାପଜନିତ କ୍ଷୟକ୍ଷତି ସମ୍ପର୍କରେ ଜିଲାପାଳ ସନତ ମହାନ୍ତି ଏକ ରିପୋର୍ଟ ପ୍ରଦାନ କରିଥିଲେ। ଜିଲା ପ୍ରଶାସନର ଆକଳନ ଅନୁସାରେ ଜିଲାର ୧୦ ବ୍ଲକର ୨୨ଟି ପଞ୍ଚାୟତର ୬୨ ଗାଁ ଏବଂ ଖୋର୍ଦ୍ଧା ଓ ଜଟଣୀ ପୌରାଞ୍ଚଳର ୫୦ଟି ୱାର୍ଡର ୧୪୮୦ ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ଉପକୂଳବର୍ତ୍ତୀ ଅଞ୍ଚଳର ୩୦ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଗୋଟିଏ କେନ୍ଦ୍ରରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଗ୍ନିଶମ ସେବା ସଂସ୍ଥାର ୨ଟି ଟିମ୍ ସଜାଗ ରହିଛନ୍ତି। ଏଥିସହ ୮ଟି ପାୱାର ବୋଟ, ଗୋଟିଏ ଡଙ୍ଗା ପ୍ରସ୍ତୁତ ରହିଛି। କେନାଲ ପାଣିରେ ଭାସିଯିବାରୁ ଟାଙ୍ଗୀ ବ୍ଲକ ନୂଆଗଡ ପଞ୍ଚାୟତର କାମେଶ୍ୱର ପାଟ୍ଟଶାଣୀଙ୍କ ମୃତ୍ୟୁ ଘଟିଛି। ଜିଲାରେ ୩୦୭ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଜିଲାରେ ୬ଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ୨୨୨ଟି ଆଂଶିକ ନଷ୍ଟ ହୋଇଛି। ଟାଙ୍ଗୀ ବ୍ଲକରେ କେତେଜଣ କ୍ଷତିଗ୍ରସ୍ତ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ପଲିଥିନ ବଣ୍ଟନ କରାଯାଇଛି। ପ୍ରାଣୀଧନ ସୁରକ୍ଷା ପାଇଁ ୧୨ଟି ଟିମ୍ ପ୍ରସ୍ତୁତ ରହିଛନ୍ତି। ଚିଲିକା ବ୍ଲକ ଜରିପଡା ଗ୍ରାମ ନିକଟ କୁସୁମିଦର ନାଳର ଡାହାଣ ବନ୍ଧ ଗ୍ରାମ୍ୟ ଉନ୍ନୟନ ରାସ୍ତାର ୬୫ହ ମିଟର କ୍ଷତିଗ୍ରସ୍ତ ହୋଇଛି। ବେଗୁନିଆ ବ୍ଲକ ରାଉତପଡା ପଞ୍ଚାୟତର ୨ଟି ବିଦ୍ୟୁତ୍ ଖୁଣ୍ଟ ନଷ୍ଟ ହୋଇଛି। ଡିଙ୍ଗର ପଞ୍ଚାୟତର ଭୁ ରେକର୍ଡ ପରିମାଣର ଆଶୁଣି ପାଟଣା ହାଇସ୍କୁଲ କୋଠା ଭୁସୁଡି ପଡିଛି। ଚିଲିକା ବ୍ଲକ ଜରିପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ପାଚେରି ଭାଙ୍ଗିଯାଇଛି। ବୋଲଗଡ ବ୍ଲକର ଏକ ଆର୍‌ଡି ରାସ୍ତା ଆଂଶିକ କ୍ଷତି ହୋଇଥିବା ବେଳେ ୫ଟି ଡ୍ରେନ୍ ନଷ୍ଟ ହୋଇଛି। ରାସ୍ତାଘାଟ ଏବଂ ଜଳ ନିଷ୍କାସନ ଲାଗି ୨ଟି ଜେସିବି ଏବଂ ୫ଟି ପାଣିମୋଟର ବ୍ୟବସ୍ଥା କରାଯାଇଛି। ଏଥିସହ ବର୍ଷାଜଳ ପ୍ରଭାବିତ ଚିଲିକା ବ୍ଲକ ଅଳାଁହ ଏବଂ ଜରିପଡାରେ ବାଲିବସ୍ତା ଦିଆଯାଇଛି। ସମସ୍ତ କ୍ଷୟକ୍ଷତି ରିପୋର୍ଟ ଆସନ୍ତା ୨୨ତାରିଖରେ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରାଯିବ ବୋଲି ଜିଲାପାଳ କହିଛନ୍ତି।




୧୪।୦୯।୨୦୨୧

| ୧,୯୦,୪୮୭ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୧.୯୮୦ ଗ୍ରାମ |

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୨ ଗିରଫ

ପୁରୀ ଅଫିସ,୧୪।୯ - ପୁରୀ ଅବକାରୀ ବିଭାଗ ପକ୍ଷରୁ ପୁରୀ ସଦରର ବିଭିନ୍ନ ଅଞ୍ଚଳରେ ଚଢାଉ କରାଯାଇ ନିଶା କାରବାର କରିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଚକ୍ରଧର ପରିଡା ଏବଂ ଦିଗାମ୍ବର ପରିଡା (୪୫)। ଅବକାରୀ ପୋଲିସ ଅଭିଯୁକ୍ତଙ୍କଠାରୁ ୧୦ କେଜି ଗଞ୍ଜେଇ ଜବତ କରିଛି। ଏ ନେଇ ଅବକାରୀ ପୋଲିସ ନଂ. ୯୩/୨୧ ଓ ପୁରୀ ସଦର ରେଞ୍ଜ ନଂ. ୨୭/୨୧ରେ ମାମଲ ରୁଜୁ କରି କୋର୍ଟ ଚାଲାଣ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୮୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅବକାରୀ ପୋଲିସର ସୂଚନା ଅନୁଯାୟୀ, ନୟାଗଡ଼ ଜିଲାରୁ ଗଞ୍ଜେଇ ଆଣି ଦୁଇଜଣ ବ୍ୟକ୍ତି ବ୍ରହ୍ମଗିରି ଅଞ୍ଚଳର ଖଜୁରିଆ ଓ ଏହାର ଆଖପାଖ ଅଞ୍ଚଳରେ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରୁଥିଲେ। ବିଶେଷ ସୂତ୍ରରୁ ସୂଚନାପାଇ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ମଙ୍ଗଳବାର ଭୋରୁ ବ୍ରହ୍ମଗିରି ଥାନା ଅଞ୍ଚଳରେ ଚଢ଼ାଉ କରି ଗଞ୍ଜେଇ ବିକ୍ରି କରୁଥିବା ବେଳେ ୨ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷିକା ମାନସୀ ସାହୁ, ଉପ-ନିରୀକ୍ଷିକା ମମତା କୁମାରୀ ଦାସ, ଉପ- ନିରୀକ୍ଷକ ରଙ୍କନିଧି ମଲ୍ଲିକ, ଏଏସ୍ଆଇ ସନ୍ତୋଷ ନାୟକ ଏବଂ ଅଭିଜିତ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

### ପୁରସ୍ତମ ଐତିହ୍ୟ ଆଳାପ ଆରମ୍ଭ

ପୁରୀ ଅଫିସ, ୧୪।୯ -ଐତିହ ସଂରକ୍ଷଣ ପରିଷଦ ଓଡ଼ିଶା ଆନୁକୂଲ୍ୟରେ ପୁରସ୍ତମ ଐତିହ୍ୟ ଆଳାପ ସ୍ଥାନୀୟ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଛି। ପରିଷଦର ସଭାପତି ବିଭୁପ୍ରସାଦ ତ୍ରିପାଠୀ ଅଧକ୍ଷତା କରିଥିବାବେଳେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡ. ଶ୍ରୀନିବାସ ଆଚାର୍ଯ୍ୟ ପୁରୀର ୪ ଆଶ୍ରମର ଐତିହ୍ୟ ସମ୍ପର୍କରେ କହିଥିଲେ। ସେହିପରି ଅନ୍ୟତମ ଆଲୋଚକ ଭାବେ ପରିଷଦର ଆଧାର ପୁରୁଷ ଡ. ସୁରେନ୍ଦ୍ର କୁମାର ମିଶ୍ର ଶ୍ରୀକ୍ଷେତ୍ରକୁ ୧୧୯ଜଣ ସାଧୁ, ସନ୍ଥ ଏବଂ ମହାପୁରୁଷମାନେ ଆସି ମହାପ୍ରଭୁଙ୍କୁ ଉପାସ୍ୟ ଭାବରେ ଗ୍ରହଣ କରି ଶ୍ରୀକ୍ଷେତ୍ରରେ ଆସ୍ଥାନ କରିଥିଲେ। ସେହି ଆସ୍ଥାନଗୁଡିକ ମଠ, ଆଶ୍ରମ ଭାବରେ ପରିଚିତ। ଏଭଳି ୩୭୪ଟି ଆସ୍ଥାନ ପୁରୀରେ ରହିଛି। କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ପରିଚାଳନା କମିଟି ସଭ୍ୟ ଅନନ୍ତ ତିଆଡ଼ି, ଆଦିତ୍ୟ ହୃଦୟ ମିଶ୍ର, ବିଦ୍ୱତ ପରିଷଦର ସମ୍ପାଦକ ମନୋଜ ରଥ, ସନ୍ତୋଷ ପାତ୍ର, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଶଙ୍କରାନନ୍ଦ ମଠର ଟ୍ରଷ୍ଟି ଦୁର୍ଗା ପ୍ରସାଦ ମିଶ୍ର ପ୍ରିୟବ୍ରତ କର ଏବଂ ବିଜୟ ପତି ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ବିଶ୍ୱଜିତ ସେନାପତି ଧନ୍ୟବାଦ ଦେଇଥିଲେ।

### ସପ୍ତାହରେ ପ୍ରସ୍ତୁତ ହେବ କ୍ଷତିଗ୍ରସ୍ତଙ୍କ ତାଲିକା

ପୁରୀ ଅଫିସ,୧୪।୯: ପ୍ରବଳ ବର୍ଷାରେ ପୁରୀ ସହରର ବିଭିନ୍ନ ସ୍ଥାନ ଜଳବନ୍ଦୀ ରହିଛି। ବର୍ଷା ଛାଡ଼ିବା ପରେ ପୌର ପ୍ରଶାସନ ଓ ଜିଲା ପ୍ରଶାସନ ବିପନ୍ନଙ୍କୁ ଉଦ୍ଧାର କରିବା ସହ ସରକାରୀ ସହାୟତାର ଯୋଗାଇବା ନେଇ ପ୍ରୟାସ ଚାଲିଛି। କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇଦେବା ପାଇଁ ଜିଲାପାଳ ସମର୍ଥ ବର୍ମାଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ନିର୍ଦ୍ଦେଶ ଦେବା ପରେ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ବନ୍ୟା ପ୍ରଭାବିତଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ବ୍ଲକସ୍ତରୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଅସ୍ତରଙ୍ଗ, କାକଟପୁର ଓ ନିମାପଡ଼ା ଅନେକ ଅଞ୍ଚଳ ଜଳବନ୍ଦୀ ରହିଛି। ବର୍ଷାରେ ଘର ଭାଙ୍ଗିଥିବା ଲୋକଙ୍କର ଏକ ତାଲିକା ପ୍ରକାଶ କରି ଜିଲା ପ୍ରଶାସନକୁ ଦାଖଲ କରିବା ପାଇଁ ବିଡିଓମାନଙ୍କୁ କୁହାଯାଇଛି। ୭ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଜାମୁଝରି ନାଳରେ ୭୦ଫୁଟର ଘାଇ

- ଜଳବନ୍ଦୀଙ୍କୁ ଭେଟିଲେ ବିଧାୟକ
- ବାଣପୁର- ବିଣ୍ଡିପୁର, ତେଲେଙ୍ଗାପଡା-କାଙ୍କପୁର ରାସ୍ତା ବୁଡ଼ିଲା

**କଣାସ,୧୪।୯(ସ୍ୱ.ପ୍ର./ଡି.ଏନ୍.ଏ.):**

ଲଗାଣ ବର୍ଷା ଯୋଗୁ ମଲାଗୁଣୀ ନଦୀରେ ବନ୍ୟା ଆସିବା ଦ୍ୱାରା ଜାମୁଝରି ନାଳର ତାଇଲା–ଭଗବତିପଡାରେ ସୃଷ୍ଟି ହୋଇଥିବା ଘାଇ ଯୋଗୁ ଦିବ୍ୟସିଂହପୁର ପଞ୍ଚାୟତର ହଳଦୀପଦର ଗାଁ ଅବସ୍ଥା ବେହାଲ ହୋଇଛି। ଜାମୁଝରି ନାଳରେ ପ୍ରାୟ ୭୦ ଫୁଟର ଘାଇ ହେବା ଫଳରେ ଗାଁ ଦାଣ୍ଡରେ ୪ ଫୁଟର ପାଣି ଚାଲୁଥିବା ବେଳେ ଘର ଭିତରେ ପାଣି ଲହଡି ମାରୁଛି। ଗ୍ରାମ ମଧ୍ୟ ପ୍ରଭାବିତ ହୋଇଛି। ଜଳବନ୍ଦୀରେ ଥିବା ହଳଦୀପଦର, ତଇଲା ଗ୍ରାମବାସୀଙ୍କୁ ବିଧାୟକ ଉମାକାନ୍ତ ସାମନ୍ତରାୟ ମଙ୍ଗଳବାର ଭେଟିଛନ୍ତି। ଅଣ୍ଟାଏ ପାଣିରେ ପଶି ବିଧାୟକ ସାମନ୍ତରାୟ ଦୁଇ ଗାଁ ବୁଲି ଲୋକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହିତ ରିଲିଫ ଯୋଗାଇ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବିଧାୟକ ମଧ୍ୟ ବିପନ୍ନମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଧାୟକ ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବିଡିଓ ଲୋଚନ ଦାସ, ଅତିରିକ୍ତ ତହସିଲଦାର ଅନିଲ ଆଚାର୍ଯ୍ୟ, ଭିଏଲଡବ୍ଲ୍ୟୁ ଚନ୍ଦ୍ରମଣି ଜେନା, ଆର୍‌ଆଇ ଗଣେଶ ସିଂ ମଧ୍ୟ ଜଳବନ୍ଦୀରେ ଥିବା ଲୋକଙ୍କୁ ଭେଟିଛନ୍ତି। ତହସିଲ ପକ୍ଷରୁ ପଲିଥିନ ଓ ବ୍ଲକ ତରଫରୁ ଦୁଇଦିନ ପାଇଁ ଶୁଖିଲା ଖାଦ୍ୟ ଦିଆଯାଇଛି। ପୋଖରୀ ଓ ନଳକୂପ ବୁଡିଯିବାରୁ ଲୋକେ ପିଇବା ପାଣି ପାଇଁ ଅସୁବିଧା ଭୋଗୁଛନ୍ତି। ଜାମୁଝରିନାଳ ଘାଇ ପାଣିରେ ଏବେ ଦେଇପୁର ପଞ୍ଚାୟତର ତେଲେଙ୍ଗାପଡା –କାଙ୍କପୁର ରାସ୍ତା ଏବଂ ବଡାଲ ପଞ୍ଚାୟତର ଖୁଣ୍ଟିଆବାଣପୁର–ବିଣ୍ଡିପୁର ରାସ୍ତା ବୁଡିଯାଇଛି। ରାସ୍ତାପାର୍ଶ୍ୱରେ ଥିବା ଘର ସବୁ ବୁଡିଲାଣି। ସେହିପରି ଦୟା, ରାଜୁଆ ଓ ଲୁଣା ନଦୀ ଫୁଲିବାରେ ଲାଗିଛି। ଦୟା ଫୁଲିବା ଦ୍ୱାରା ଦୋକନ୍ଦା, ବଡାସ, ପାଣ୍ଡିଆକେରା ଓ ଗଡବଳଭଦ୍ରପୁର ପଞ୍ଚାୟତ ବନ୍ୟାଜଳରେ ବୁଡ଼ିବା ଆଶଙ୍କା ଦେଖାଦେଇଛି। ବନ୍ୟା ପ୍ରବାହିତ ଗ୍ରାମରେ ବିଧାୟକଙ୍କ ସହ ପଞ୍ଚାୟତ ସମିତି ଅଧ୍ୟକ୍ଷ ସାଦର ବେହେରା, ପୂର୍ବତନ ସମିତି ଅଧ୍ୟକ୍ଷ ରମେଶ ଚନ୍ଦ୍ର ସେଠୀ, ବ୍ଲକ ଯୁବ ବିଜେଡି ସଭାପତି ବସନ୍ତ କୁମାର ଜେନା ପ୍ରମୁଖ ବିପନ୍ନଙ୍କୁ ଭେଟିଥିଲେ।



ଜଳାର୍ଣ୍ଣବ ଅଞ୍ଚଳକୁ ବିଧାୟକ ଉମାକାନ୍ତ ସାମନ୍ତରାୟ ବୁଲି ଦେଖୁଛନ୍ତି ।

# ବିଦ୍ୟୁତ୍ ମରାମତି ବେଳେ ଲାଇନ୍‌ମ୍ୟାନଙ୍କ ମୃତ୍ୟୁ



ଗ୍ରାମବାସୀ ଚାୟାର ଜାଳି ରାସ୍ତାରୋକୋ କରୁଛନ୍ତି ।

- କ୍ଷତିପୂରଣ, ପରିବାରର ଜଣଙ୍କୁ ଚାକିରି ଦାବି
- ଉତ୍ୟକ୍ତ ଲୋକଙ୍କ ଟାୟାର ଜାଳି ରାସ୍ତାରୋକୋ

**ନିମାପଡ଼ା,୧୪।୯(ଡି.ଏନ୍.ଏ.)**

ଚାରିଛକ ଫାଣ୍ଡି ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର ସୁଧବାରିମୂଳ ନିକଟରେ ମଙ୍ଗଳବାର ଅପରାହ୍ନରେ ବିଦ୍ୟୁତ୍ ମରାମତି କରୁଥିବାବେଳେ ୧୧କେଭି ତାର ସଂସ୍ପର୍ଶରେ ଆସି ଜଣେ ଲାଇନମ୍ୟାନ୍‌ଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପ ଥାନା ଅନ୍ତର୍ଗତ ପଲ୍ଲୀଛକ ନିକଟସ୍ଥ ବାଲିଦଣ୍ଡା ମଠ ସାହି ଗ୍ରାମର ଦୀପକ ଭଞ୍ଜ(୪୭)। ଏ ନେଇ ନିମାପଡ଼ା ଥାନାରେ ଏକ ମାମଲା(ନଂ.୧୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଦୀପକ କାକଟପୁର ସେକ୍ସନ୨ସ୍ଥିତ ଯୋଗେଶ୍ୱରପୁର ସେକ୍ସନରେ କାର୍ଯ୍ୟ କରନ୍ତି। ତେବେ ମଙ୍ଗଳବାର ଅପରାହ୍ନରେ ସୁଧବାରିମୂଳ ଗ୍ରାମ ନିକଟରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର କାର୍ଯ୍ୟ ପାଇଁ ଯାଇଥିଲେ। ସେଠାରେ ମରାମତି କରୁଥିବାବେଳେ ହଠାତ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ଦୀପକଙ୍କୁ ଚାରିଛକ ମେଡିକାଲ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରିଛି। ପରେ ଦୀପକଙ୍କ ପରିବାର ଲୋକ ଓ ସ୍ଥାନୀୟ ଲୋକ କ୍ଷତିପୂରଣ ଦେବା ଓ ତାଙ୍କ ପରିବାରର ଜଣଙ୍କୁ ଚାକିରି ଦେବା ଦାବି କରିଥିଲେ। ଏଥିସହ ଲୋକେ ଉତ୍ୟକ୍ତ ହୋଇ ମେଡିକାଲ ଛକ ନିକଟରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖବରପାଇ ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଛନ୍ତି। ତେବେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଖାମଖିଆଲ ନୀତି, ବେପରୁଆ ମନୋଭାବ ଯୋଗୁ ଏଭଳି ଅଘଟଣ ହେଲା ବୋଲି ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି।

# ‘ଓଡ଼ିଆ ଜାତିର ଅସ୍ମିତା ଗଢ଼ିଛି ଭାଗବତ’

**+୨ ଯାଏଁ ଭାଗବତକୁ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଉ**

**ଭୁବନେଶ୍ୱର, ୧୪।୯ (ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଶାଶ୍ୱତୀ ସୋସିଆଲ କଲ୍‌ଚରାଲ୍ ସେଣ୍ଟର ପକ୍ଷରୁ ଭାଗବତ ପାଠ ସହ ଅତିବଡ଼ୀଙ୍କ ରଚନାରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏକାଡେମୀ ସଭାପତିଡ.ହୃଷୀକେଶ ମଲ୍ଲିକ ପୌରୋହିତ୍ୟ କରି କହିଲେ, ଭାଗବତ ଏକ ଗ୍ରନ୍ଥ ହୋଇ ଏହାର ଜନ୍ମଦିବସ ପାଳନ ହେବା ସହ ଜୀବନ୍ତ ବ୍ୟକ୍ତି ଭଳି ଅନ୍ନ ଏବଂ ବ୍ୟଞ୍ଜନ ଭୋଗ ଲଗା ହେଉଛି। ଯାହାକି ସମଗ୍ର ପୃଥିବୀରେ ବିରଳ।

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଉଦ୍‌ଘାଟକ ଭାବେ ଯୋଗଦେଇ କହିଲେ, ଭାଗବତ ରଚନା ହୋଇ ନ ଥିଲେ ଓଡ଼ିଆ ଜାତିର ଅସ୍ମିତା ସମ୍ପୂର୍ଣ୍ଣ ହୋଇପାରି ନ ଥାନ୍ତା। ଓଡ଼ିଆ ଜାତିକୁ ରାଜନୀତି ନୁହେଁ ବରଂ ଭାଗବତ ଏକାଠି କରିଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ, ଆମ ରାଜ୍ୟରେ ୭ହଜାର ୨ଶହ ଭାଗବତ ଟୁଙ୍ଗୀ ସ୍ଥାପିତ ହୋଇଛି। ଓଡ଼ିଶାର ଘରେ ଘରେ ଭାଗବତର ଅସ୍ମିତାକୁ ପହଞ୍ଚାଇବା ଏହାର ଲକ୍ଷ୍ୟ। ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ ଯୁକ୍ତ ୨ ସ୍ତର ଯାଏ ସ୍କୁଲରେ ଭାଗବତକୁ ପାଠ୍ୟକ୍ରମ ଭାବେ ଅନ୍ତର୍ଭୁକ୍ତ କରାଯିବା ଦରକାର ବୋଲି ମତ ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ନିର୍ଦ୍ଦେଶକ ଡ. ବସନ୍ତ କୁମାର ପଣ୍ଡା ଯୋଗଦେଇ ଭାଗବତ ରଚନା ସମଗ୍ର ଓଡ଼ିଶାରେ ଏକ ସାଂସ୍କୃତିକ ବିପ୍ଳବ ଆଣିଥିଲା। ଓଡ଼ିଆ ଭାଗବତ ଓଡ଼ିଆ ଜାତିର ଅସ୍ମିତା ନିର୍ମାଣ କରିଛି ବୋଲି କହିଛନ୍ତି। ଏକାଡେମୀ ସହସଚିବ ପ୍ରଦୀପ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସଭାପତି ଡ. ସଂଗ୍ରାମ ଜେନା ଉପସଂହାର ବକ୍ତବ୍ୟ ରଖିଥିଲେ। ସୁଜାତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ଏକାଡେମୀ ପକ୍ଷରୁ ପ୍ରାତଃ ୮ଟାରେ ସଂସ୍କୃତି ଭବନ ପରିସରସ୍ଥ ଅତିବଡ଼ୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ଏଥିରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ, ଏକାଡେମୀ ସଭାପତି, ଉପସଭାପତି, ସହସଚିବ, ସଦସ୍ୟ ଡ. ବିବେକାନନ୍ଦ ପାଣିଗ୍ରାହୀ, କବି ଡ. ପ୍ରସନ୍ନ କୁମାର ମହାନ୍ତି, ଖବରଦାତା ଅରୁଣ କାନୁନ୍‌ଗୋ ଓ ଏକାଡେମୀ କର୍ମଚାରୀମାନେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା, ଓଡ଼ିଆ ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଅନ୍ୟମାନେ ।

## ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧା ଜନ୍ମାଷ୍ଟମୀ

**ସାକ୍ଷୀଗୋପାଳ,୧୪।୯(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧା ଜନ୍ମାଷ୍ଟମୀ ମଙ୍ଗଳବାର ପାଳିତ ହୋଇଯାଇଛି। ଦୈନନ୍ଦିନ ଦେବନୀତି ସହିତ ଦ୍ୱିପ୍ରହର ଧୂପରେ ମନ୍ଦିର ଗର୍ଭଗୃହରେ ଶିଶୁକନ୍ୟା ଶ୍ରୀରାଧା ଜନ୍ମ ବିଧି ଅନୁଷ୍ଠିତ ହୋଇଥିଲା। ଜଳାଧିସ ପୂଜା ପରେ ଅଭିମନ୍ତ୍ରିତ ସୁଗନ୍ଧିତ ଜଳ କଳସୀରେ ସାକ୍ଷୀଗୋପାଳ ମନ୍ଦିରରେ ପୂଜା ପାଉଥିବା ଶ୍ରୀରାଧା ପ୍ରତିମାଙ୍କୁ ପୂର୍ଣ୍ଣ ସ୍ନାନ କରାଯାଇଥିଲା। ନୂତନ ପାଟବସ୍ତ୍ର, ସୁବର୍ଣ୍ଣ ଅଳଙ୍କାର, ଫୁଲମାଳରେ ଶ୍ରୀରାଧାଙ୍କୁ ସଜ୍ଜିତ କରାଯାଇଥିଲା। ମନ୍ଦିର ପୁରୋହିତ, ପୁରାଣ ପଣ୍ଡିତ, ପୂଜାପଣ୍ଡା, ସିଂହାରୀ, ପାଳିଆପତ୍ରୀ, ଭଣ୍ଡାର ମେକାପ, ଆପଟ ଆଦି ସେବାୟତମାନେ ଜନ୍ମବିଧିରେ ସାମିଲ ହୋଇଥିଲେ। ଘଣ୍ଟ, କାହାଳୀ, ବାଜା, ମହୁରୀ, ଛତିଡ୍ରାସ ସହ ବେଦମନ୍ତ୍ର ପାଠକରି ଦେବୀଙ୍କର ଭୂମିଷ୍ଠ ନୀତି, କାନଫୋଡା, ନାମକରଣ, ନୂତନବସ୍ତ୍ର ଓ ଅଳଙ୍କାର ପରିଧାନ କରାଯାଇଥିଲା। କୋରାଭୋଗ, ଆଳତି ଓ ଉପଚାର ଶେଷହେବା ପରେ ଶ୍ରଦ୍ଧାଳୁମାନେ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ଉପଲକ୍ଷେ ସିଂହଦ୍ୱାର ଭଜନ କମିଟି ପକ୍ଷରୁ ଆୟୋଜିତ ବିଶ୍ୱ ଶାନ୍ତି ଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଯାଇଛି। ମନ୍ଦିରରେ ହରିନାମ ସଂକୀର୍ତ୍ତନ ସହ ସତ୍ୟବାଦୀ କଳା ସଂସଦର କଳାକାରମାନେ ଭଜନ ଜଣାଣ ପରିବେଷଣ କରିଥିଲେ।

## ଲିଙ୍ଗରାଜ ମନ୍ଦିର: କୋଭିଡ୍ କଟକଣାକୁ ଫୁ

**ପୁରୁଣା ଭୁବନେଶ୍ୱର,୧୪।୯(ଡି.ଏନ୍.ଏ.):**

ଶ୍ରୀଲିଙ୍ଗରାଜ ମନ୍ଦିର ଖୋଲିବାର ପ୍ରଥମ ଦିନ ସମସ୍ତେ କୋଭିଡ୍ ନିୟମ ପାଳନ କରିଥିବା ବେଳେ ଏବେ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ମନ୍ଦିର ପରିସରରେ ଭକ୍ତ କିମ୍ବା ଅନ୍ୟମାନେ ମାସ୍କ ପିନ୍ଧୁ ନାହାନ୍ତି। ମନ୍ଦିର ଗୁମୁଟିଠାରେ ଲଗାଯାଇଥିବା ସେନ୍‌ସର ସାନିଟାଇଜର ମେଶିନରେ ଆଉ ସାନିଟାଇଜର ନ ଥିବା ଜଣାପଡ଼ିଛି। ମନ୍ଦିର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହେଉଛି।

# ଉଦ୍ଦେଶ୍ୟମୂଳକ ଭାବେ ମାମଲା ରୁଜୁ କରିଛି ପୋଲିସ

- ଅଭିଯୁକ୍ତଙ୍କୁ ଗିରଫ ବେଳେ ଉତ୍ତେଜନା
- ପୋଲିସ କର୍ମଚାରୀଙ୍କୁ ଛାଡ଼ି ଚାଲିଆସିଲା ଭ୍ୟାନ୍

**ପୁରୀ ଅଫିସ,୧୪।୯:**

ପୁରୀ ସଦର ଷଣ୍ଢପୁର ଗାଁରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଅଭାବନୀୟ ପରିସ୍ଥିତି ଦେଖାଦେଇଛି। ପୋଲିସ ଉଦ୍ଦେଶ୍ୟମୂଳକ ଭାବେ ମାମଲା ରୁଜୁ କରି ଗ୍ରାମବାସୀଙ୍କୁ ହଇରାଣ କରୁଛି ବୋଲି ଷଣ୍ଢପୁର ଗ୍ରାମବାସୀ ମଙ୍ଗଳବାର ଏକ ପ୍ରେସ ବିବୃତି ଜରିଆରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ ୯ ତାରିଖରେ ଏକ ଅପରାଧ ଘଟଣାରେ ରାତିଅଧିଆ ପୋଲିସ ଭ୍ୟାନ୍ ଗ୍ରାମ ଭିତରକୁ ପଶି ଅଭିଯୁକ୍ତ ଜ୍ଞାନ ଭୋଇଙ୍କୁ ଉଠାଇ ଆଣିବାକୁ ପ୍ରୟାସ କରୁଥିଲା। ଏହି ସମୟରେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଯାହାକୁ ନେଇ ପୋଲିସ ଓ ଗ୍ରାମବାସୀ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଶେଷରେ ପୋଲିସ ଭ୍ୟାନରେ ଅଭିଯୁକ୍ତଙ୍କୁ ବସାଇ ଗାଁ ଛାଡ଼ି ଚାଲି ଆସିଥିଲା। ହେଲେ ତରବର ମଧ୍ୟରେ ଜଣେ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ରହିଯାଇଥିଲେ। ପରେ ସଦର ଥାନାରୁ ପୋଲିସ କର୍ମଚାରୀମାନେ ଏକାଠି ହୋଇ ଗାଁକୁ ଯିବା ପରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ଛଡ଼ାଯାଇଥିଲା। ଉକ୍ତ ପୋଲିସ କର୍ମଚାରୀଙ୍କୁ ଗ୍ରାମବାସୀ ମାଡ଼ ମାରିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଗ୍ରାମର ପଙ୍କଜ ଭୋଇଙ୍କ କହିବା ଅନୁଯାୟୀ, ପୋଲିସ ସହ ଧସ୍ତାଧସ୍ତି ହୋଇ ନାହିଁ। ଅଭିଯୁକ୍ତ ପରିବାରର ମହିଳାମାନେ ପୋଲିସର ହଠାତ୍ ଘରେ ପଶିବାକୁ ଚିତ୍କାର କରିବାରୁ ଗ୍ରାମବାସୀ ଏକତ୍ର ହୋଇଥିଲେ। ସେହିଭଳି ସମ୍ପୃକ୍ତ ପୋଲିସ କର୍ମଚାରୀ ଗାଁରେ ରହିଯିବା ପରେ ତାଙ୍କ ସହ ଦୁର୍ବ୍ୟବହାର ହୋଇ ନାହିଁ। ରାତି ଅଧିକ ଥିବାରୁ ନ ଛାଡ଼ି ପୋଲିସ କର୍ମଚାରୀ ଆସିବା ପରେ ପଠାଇଥିଲୁ। ପୋଲିସ କର୍ମଚାରୀଙ୍କ ଶରୀରରେ ଥିବା କ୍ଷତ ସ୍ଥାନ ସମ୍ପର୍କରେ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗାଡ଼ିରୁ ପଡ଼ିଯିବା କାରଣରୁ ସେହି କ୍ଷତ ହୋଇଛି। ସେହିଭଳି ସଦରଥାନା ଆଇଆଇସି ସୁମତୀ ମହାନ୍ତି କହିଛନ୍ତି, ଏକ ଜମିଜମା ମାମଲାରେ ୨୦୨୦ରେ ବୋମାମାଡ଼ ହୋଇଥିଲା। ଏହି ଘଟଣାର ତଦନ୍ତ ଚାଲିଥିବା ବେଳେ ସମ୍ପୃକ୍ତ ଥିବା ଜ୍ଞାନ ଷଣ୍ଢପୁର ଗ୍ରାମରେ ଥିବା ସୂଚନା ମିଳିଥିଲା। ପୋଲିସ ଟିମ୍ ସହ ଗ୍ରାମକୁ ଯାଇଥିବାବେଳେ ଗ୍ରାମବାସୀ ଏଥିରେ ହସ୍ତକ୍ଷେପ କରିଥିଲେ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା ଓ ଗ୍ରାମବାସୀଙ୍କ ଆକ୍ରମଣରେ ପୋଲିସ ଭ୍ୟାନର କାଚ ମଧ୍ୟ ଭାଙ୍ଗିଯାଇଛି। ଜଣେ ପୋଲିସ କର୍ମଚାରୀଙ୍କୁ ଗ୍ରାମବାସୀ ଆକ୍ରମଣ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଅଭିଯୁକ୍ତମାନଙ୍କୁ ଖୋଜାଖୋଜି ଜାରି ରଖିଛି।

# ପୁରୀ ହେଉ ଆଧ୍ୟାତ୍ମିକ ରାଜଧାନୀ

**ପୁରୀ ଅଫିସ,୧୪।୯:**

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ସଂସ୍ଥାପିତ ପୀଠ ପରିଷଦ, ଆଦିତ୍ୟବାହିନୀ ଓ ଆନନ୍ଦବାହିନୀର ୨ଦିନିଆ ଓଡ଼ିଶା ପ୍ରାନ୍ତୀୟ ପରିଷଦ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶଙ୍କରାଚାର୍ଯ୍ୟ କହିଛନ୍ତି, ଗ୍ରାମୀଣସ୍ତରରେ ଆଦିତ୍ୟବାହିନୀର ସ୍ଥାପନାକୁ ତୀବ୍ର କରିବାର ଆବଶ୍ୟକ ରହିଛି। ମୁମ୍ବାଇ ତାଜ ହୋଟେଲରେ ଆତଙ୍କି ଆକ୍ରମଣ ଭଳି ପୁରୀରେ ମଧ୍ୟ ଏଭଳି ନ ହେବ ବୋଲି କହି ହେବ ନାହିଁ। ଗତ ୨୮ବର୍ଷ ହେବ ପୁରୀ ଶ୍ରୀମନ୍ଦିର ଆତଙ୍କବାଦୀଙ୍କ ନଜରରେ ରହିଛି। ଏକଥା ମୁଁ ପୁରୀ ଜିଲାପାଳଙ୍କୁ ମଧ୍ୟ କହିଛି। ଆଗାମୀ ତିନି ବର୍ଷରେ ଭାରତକୁ ହିନ୍ଦୁରାଷ୍ଟ୍ରରେ ପରିଣତ କରିବା ଓ ପୁରୀକୁ ଆଧ୍ୟାତ୍ମିକ ରାଜଧାନୀରେ ପରିଣତ କରିବା ପାଇଁ ମିଳିତି ପ୍ରୟାସର ଆବଶ୍ୟକତା ରହିଛି। ଘରେ ଘରେ ଆଦିତ୍ୟବାହିନୀ କାର୍ଯ୍ୟକର୍ତ୍ତା ପ୍ରସ୍ତୁତ ହେଲେ ଏହା ସମ୍ଭବ ବୋଲି ମହାରାଜ କହିଛନ୍ତି। ଓଡ଼ିଶାର ସମସ୍ତ ଜିଲାର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରୁ ୮୦ଜଣ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ପରିଷଦର ସମସ୍ତ ବିଭାଗର ସଙ୍ଗଠନ ସଚିବ ଓ ପୀଠ ପରିଷଦର ପ୍ରେରକ, ନିରୀକ୍ଷକ ଓ ମାର୍ଗଦର୍ଶକ ପ୍ରମୁଖ ଉପସ୍ଥିତ ଥିଲେ।

# ଅନାସ୍ଥା ଭୋଟରେ ଧନେଶ୍ୱରଙ୍କ ବାଜିମାତ

**ସରପଞ୍ଚ ସବିତା ପାଇଲେ ଗୋଟିଏ ଭୋଟ**

**ପୁରୀ ଅଫିସ,୧୪।୯**

ପୁରୀର ଗୋପ ବ୍ଲକ ଅଧୀନ ଛଇତନା ପଞ୍ଚାୟତର ସରପଞ୍ଚ ସବିତା ସାହୁଙ୍କ ବିରୋଧରେ ହୋଇଥିବା ଅନାସ୍ଥା ଭୋଟ ଗଣତି ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଛି। ଭୋଟ ଗଣତିରେ ଫଳାଫଳ ବାହାର କରାଯାଇ କୋର୍ଟକୁ ହସ୍ତାନ୍ତର କରାଯିବ ଓ କୋର୍ଟ ଏହାର ବିଜୟୀ ପ୍ରାର୍ଥୀ ଘୋଷଣା କରିବେ। ଏହି ଅନାସ୍ଥା ଭୋଟରେ ସବିତା ସାହୁଙ୍କୁ ପଛରେ ପକାଇ ଧନେଶ୍ୱର ଶଗଡ଼ିଆ ସରପଞ୍ଚ ହେବା ନେଇ ନିଶ୍ଚିତ କରିଛନ୍ତି। ମୋଟ ୧୩ଟି ୱାର୍ଡ ମେମ୍ବର ଭୋଟ ଗ୍ରହଣ କରାଯାଇଥିବା ବେଳେ ଧନେଶ୍ୱରଙ୍କ ସପକ୍ଷରେ ୧୨ଟି ଭୋଟ ଯାଇଥିଲା। ସବିତା କେବଳ ତାଙ୍କ ନିଜ ସପକ୍ଷରେ ଭୋଟ ଦେଇଥିବା ଗଣତିରୁ ଜଣାପଡିଥିଲା। ଛଇତନା ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ନେଇ ସବିତା ସାହୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା। ଯାହାକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବରୁ ଭୋଟ ହୋଇଥିଲା। ଉତ୍ତେଜନା ପ୍ରକାଶ ପାଇବାରୁ ଗଣତି ସ୍ଥଗିତ ରଖାଯାଇଥିଲା। ପରେ କୋର୍ଟଙ୍କ ନିର୍ଦ୍ଦେଶ ପରେ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗଣତି କରାଯାଇ ଫଳାଫଳ ନିମନ୍ତେ ହାଇକୋର୍ଟକୁ ପଠାଯାଇଛି। ଏଥିରେ ଧନେଶ୍ୱର ବିଜୟୀ ହେବା ସମ୍ଭାବନା ରହିଛି। ଭୋଟ ଗଣତି ପରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଧନେଶ୍ୱରଙ୍କୁ ସ୍ୱାଗତ କରିଥିଲେ। ତେବେ ପଞ୍ଚାୟତର ଅଧା ରହିଯାଇଥିବା ବିକାଶ କାର୍ଯ୍ୟକୁ ନୂତନ ଭାବେ ସରପଞ୍ଚ ଭାବେ ଦାୟିତ୍ୱ ନେବାକୁ ଥିବା ଧନେଶ୍ୱର କରିବେ ବୋଲି ବିଧାୟକ ଷଡଙ୍ଗୀ ଆଶା କରିଛନ୍ତି। ସେହିପରି ପୂର୍ବରୁ ହୋଇଥିବା ଦୁର୍ନୀତିର ତଦନ୍ତ କରାଯିବ ବୋଲି ସେ କହିଥିଲେ। ପଞ୍ଚାୟତର ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ବିଧାୟକ ସୂଚନା ଦେଇଥିଲେ।

# ଭାଗବତ ଟୁଙ୍ଗିର ପୁନରୁଦ୍ଧାର ହେଉ

- ଅତିବଡ଼ୀଙ୍କ ଜୟନ୍ତୀ ପାଳିତ
- ଶକୁନ୍ତଳା, ଭାସ୍କରଙ୍କୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ

**ପୁରୀ ଅଫିସ/ବ୍ରହ୍ମଗିରି, ୧୪।୯(ଡି.ଏନ୍.ଏ):**

ଓଡ଼ିଆ ଭାଗବତ ଗ୍ରନ୍ଥର ରଚୟିତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ଦିବସ ସାତଲହଡ଼ି ମଠରେ ରାଧାଷ୍ଟମୀ ତିଥିରେ ପାଳିତ ହୋଇଛି। ସାତଲହଡ଼ି ମଠ ଅତିବଡ଼ିଙ୍କର ସାଧନ ଓ ସମାଧିପୀଠ ଭାବେ ପରିଚିତ। ପ୍ରତିବର୍ଷ ଭଳି ଅତିବଡ଼ୀଙ୍କର ପାଦୁକା ପୂଜା ପାଠ ଓ ହୋମଯଜ୍ଞ କରାଯାଇଥିଲା। ଭକ୍ତି ପସରା ରାଣୀହାଟ, ସରକଣା ଭାଗବତ ଟୁଙ୍ଗି, ବଲାଙ୍ଗୀର ଓ ବାଳକାଟୀରୁ ଆସିଥିବା ଭାଗବତ ଟୁଙ୍ଗିର ଭକ୍ତମାନଙ୍କୁ ପାଦୁକା ସେବାର ସୌଭାଗ୍ୟ ମିଳିଥିଲା। ପାଦୁକା ପୂଜା ପରେ ନାମ ସଂକୀର୍ତ୍ତନ ହୋଇଥିଲା। ଏହାକୁ ସାତଲହଡ଼ି ମଠର ତତ୍ତ୍ୱାବଧାରକ ବାମଦେବାନନ୍ଦ ପରିଚାଳନା କରିଥିଲେ। ଆଗାମୀ ଦିନରେ ଭାଗବତ ଟୁଙ୍ଗି ପରମ୍ପରାକୁ ଓଡ଼ିଶାର ପୁରପଲ୍ଲୀରେ ପୁନଃସଞ୍ଚାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପକ୍ଷେ ମହାକବି ଜଗନ୍ନାଥ ଦାସଙ୍କ ଜୟନ୍ତୀରେ ତାଙ୍କ ଜନ୍ମଭୂମି ବ୍ରହ୍ମଗିରି ବ୍ଲକସ୍ଥିତ କପିଳେଶ୍ୱରପୁର ଗ୍ରାମରେ ପହଞ୍ଚି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଅତିବଡ଼ୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଛନ୍ତି। ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଦାସ ହେଉଛନ୍ତି ଜଣେ ଅମରସ୍ରଷ୍ଟା। ଓଡ଼ିଆ ଭାଗବତ ଏହାର ଶ୍ରେଷ୍ଠ ଉଦାହରଣ। ବ୍ରହ୍ମଗିରି ମାଟି ତାଙ୍କୁ ପାଇ ଧନ୍ୟ ହୋଇଛି ବୋଲି ଦାସବର୍ମା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ କୈଳାସଚନ୍ଦ୍ର ଟିକାୟାତ, ସୁରପ୍ରସାଦ ମହାନ୍ତି, ବିଦ୍ୟାଧର ସ୍ୱାଇଁ ଓ କୈଳାସଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଭାଗବତ ପାଠ କରିଥିଲେ। ସେହିଭଳି ପୁରୀ ଯୁଥ୍ ହଷ୍ଟେଲ ସଭାଗୃହରେ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଡ. ଶକୁନ୍ତଳା ବଳିୟାର ସିଂଙ୍କୁ ୨୦୨୦ ମସିହା ପାଇଁ ଓ ଡ. ଭାସ୍କର ମିଶ୍ରଙ୍କୁ ୨୦୨୧ ପାଇଁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ସାରସ୍ୱତ ସମ୍ମାନରେ ବଦ୍ରି ମିଶ୍ର, ମନୋରମା ଆଚାର୍ଯ୍ୟ, ଗୀତାଶ୍ରୀ ପ୍ରିୟମ୍ବଦା, ଦାମୋଦର ମହାନ୍ତି, ଫୁଲରାଣୀ ପାଳ, ଶାନ୍ତିଲତା ପଲେଇ ଓ ଯୁବ ପ୍ରତିଭା ସମ୍ମାନରେ ପ୍ରକାଶ ଚାନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ବ୍ରହ୍ମଗିରିର ଐତିହ୍ୟ ପରିଷଦର କାଶୀନାଥ ନାୟକଙ୍କ ସଭାପତିତ୍ୱରେ ଅତିବଡ଼ୀଙ୍କ ଜୟନ୍ତୀ ବଟମହାବୀରଙ୍କ ମନ୍ଦିରରେ ହୋଇଛି। ପ୍ରିୟପ୍ରସାଦ ମିଶ୍ର, ପ୍ରଦୀପ୍ତ ନାୟକ, ଯାଦବ ତ୍ରିପାଠୀ, ସୌମ୍ୟରଞ୍ଜନ ସାହୁ, ଅମର ସ୍ୱାଇଁ, ପ୍ରଭଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀମାନେ ଭାଗବତ ପଢୁଛନ୍ତି ।

## ସଂକ୍ଷେପରେ

### ଯାତ୍ରୀଙ୍କଠାରୁ ଟଙ୍କା ଲୁଟ୍: ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୪।୯:** ବସ୍ ଯାତ୍ରୀଙ୍କଠାରୁ ଟଙ୍କା ଲୁଟ୍ କରିବା ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ କେଶରପୁର ଅଞ୍ଚଳର ସେକ୍ ଫିରୋଜ। ଏହି ଘଟଣାରେ ଅନ୍ୟ ଜଣେ ଫେରାର ଅଛନ୍ତି। ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲା ବରି ଅଞ୍ଚଳର କୃପାସିନ୍ଧୁ ଶାନ୍ତି ଗତ ଶନିବାର ବସ୍‌ରେ ଆସି ବାଦାମବାଡିରେ ଓହ୍ଲାଇଥିଲେ। ଏହି ସମୟରେ ବସ୍ ଭିତରେ ଥିବା ଫିରୋଜ ଓ ତାଙ୍କ ସହଯୋଗୀ କୃପାସିନ୍ଧୁଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ସେ ନ ଦେବାରୁ ସେମାନେ ମାରଣାସ୍ତ୍ର ଦେଖାଇ ତାଙ୍କ ପକେଟରୁ ୧୦ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ଅଭିଯୋଗ ହେବାପରେ ପୋଲିସ ମାମଲା ରୁଜୁ କରି ମଙ୍ଗଳବାର ଫିରୋଜଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ୧୫୦୦ ଟଙ୍କା ଜବତ ହୋଇଛି। ବାକି ଟଙ୍କା ସେମାନେ ଖର୍ଚ୍ଚ କରିଦେଇଥିବା ଫିରୋଜ କହିଛନ୍ତି।

### ସିଏମ୍‌ସି ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ

**କଟକ ଅଫିସ,୧୪।୯:** ଲଗାଣ ବର୍ଷା ଯୋଗୁ କଟକ ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ଅନେକ ଲୋକ ପାଣି ଘେରରେ ଫସି ରହିଛନ୍ତି। ଏହାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରର ସୁତାହାଟ, ଦିୱାନ ବଜାର, ବେହେରା ସାହି, ତନ୍ତୀସାହି, ଚମାର ସାହି, ଖ୍ରୀଷ୍ଟିଆନ ସାହି, କୃଷକ ବଜାର ଅଞ୍ଚଳ ସମେତ ଅନ୍ୟ କିଛି ସ୍ଥାନରେ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିବା ସଚିବ ଲତାଶ୍ରୀ ବାଗ୍ ସୂଚନା ଦେଇଛନ୍ତି।

### ବକ୍ସ ଡ୍ରେନ କାର୍ଯ୍ୟ ଶେଷ କରିବାକୁ ଦାବି

**କଟକ ଅଫିସ, ୧୪।୯:** କଟକ ସହରରେ ଅଧାପନ୍ତରିଆ ହୋଇ ପଡି ରହିଥିବା ବକ୍ସ ଡ୍ରେନ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ଦାବି କରିଛନ୍ତି। ଏଥିସହ ଜଳମଗ୍ନ ବସ୍ତି ଓ ତଳିଆ ଅଞ୍ଚଳବାସୀଙ୍କୁ ରନ୍ଧା ଏବଂ ଶୁଖିଲା ଖାଦ୍ୟ ଯୋଗାଇବା ପାଇଁ ବିଧାୟକ ପୌର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଧାୟକ ମୋକିମ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ସହରର ବିଭିନ୍ନ ଜଳମଗ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ବର୍ଷାଜଳ ନିଷ୍କାସନ ଦିଗରେ ତ୍ୱରିତ ପଦକ୍ଷେପ ନିମନ୍ତେ ସିଏମ୍‌ସି ଅଧିକାରୀଙ୍କ ସହଯୋଗରେ ଉଦ୍ୟମ କରିଥିଲେ। ବିଭିନ୍ନ ଖାଲୁଆ ଅଞ୍ଚଳରେ ପାଣିପମ୍ପ ସହାୟତାରେ ଜଳ ନିଷ୍କାସନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ତୃପ୍ତି ଦାସ, ଶରତ ଚନ୍ଦ୍ର ସେଠୀ ଓ ମହମ୍ମଦ ଅଲିମ ପ୍ରମୁଖ ଉପସ୍ଥିତ ଥିଲେ।

### କପଡ଼ା ଗୋଦାମରୁ ୫୦ ହଜାର ଚୋରି

**କଟକ ଅଫିସ, ୧୪।୯:** ବାଦାମବାଡି ଥାନା ନିକଟ ଏକ କପଡା ଗୋଦାମରୁ ଚୋରି ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ମାଲିକ ସନ୍ତୋଷ ଅଗ୍ରୱାଲ ସୋମବାର ଗୋଦାମ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଭିତରେ ପଶି କ୍ୟାସ୍‌ବାକ୍ସରୁ ୫୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଏହି ଘଟଣାରେ ଗୋଦାମର କେତେଜଣ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରି ପଚରାଉଚରା ଚଳାଇଛି।

### ବର୍ଷା କ୍ଷତିଗ୍ରସ୍ତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ ନିର୍ଦ୍ଦେଶ

**କଟକ ଅଫିସ,୧୪।୯:** ରାଜ୍ୟସଭା ସଦସ୍ୟ ସୁବାସ ସିଂହ ମଙ୍ଗଳବାର କଟକ ସହରର ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ମାତୃଭବନ ସ୍ଲୁଇସ୍ ଗେଟ୍‌ଠାରେ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କ ସହ ସିଂ ଆଲୋଚନା କରିଥିଲେ। ସେହିପରି ତୁଳସୀପୁର ପୋଲିସ କଲୋନୀ, ଖାନ୍‌ନଗର ସ୍ଲୁଇସ୍ ଗେଟ୍‌ରେ ଲାଗିଥିବା ହାଇ ପାୱାର ପମ୍ପସେଟ୍‌କୁ ଦେଖିଥିଲେ। ଏଥିସହ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ବସ୍ତି ଅଞ୍ଚଳର ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସିଂଙ୍କ ପରିଦର୍ଶନ ସମୟରେ କଟକ ମହାନଗର ନିଗମର ନିର୍ବାହୀଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ, ଇଂ. ସୁବ୍ରତ ସାହୁ, ସତ୍ୟଜିତ୍ ରଥ, ଇଂ. ସୁଧାଂଶୁ ରଥ, ରଞ୍ଜନ ବିଶ୍ୱାଳ, ରମ୍‌ଜାନ୍ ଖାନ୍ ଓ ନମିତା ବାରିକ ଉପସ୍ଥିତ ଥିଲେ।

# ସାପୁଆ, କଣ୍ଟିଆ ନଦୀରେ ବନ୍ୟା

ଆଠଗଡ଼, ୧୪।୯(ସ୍ୱ.ପ୍ର.)



କଣ୍ଟିଆ ନଦୀରେ ବନ୍ୟାଜଳ ଆସିବା ଫଳରେ ଆଠଗଡ଼ ବ୍ଲକ ମହାକାଳବସ୍ତ ପଞ୍ଚାୟତର ଖୁଣ୍ଟିବନ୍ଧ ନିକଟରେ ଘାଇ ସୃଷ୍ଟି ହୋଇଛି।

- ୪ ପଞ୍ଚାୟତର ୧୬ ଗାଁ ପାଣି ଘେରରେ
- ୫ହଜାରରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ
- ବ୍ୟାପକ ଧାନ, ପରିବା ଫସଲ ନଷ୍ଟ
- ଗମନାଗମନ ବ୍ୟାହତ

ଲଗାଣ ବର୍ଷା ଫଳରେ ମହାନଦୀର ଉପନଦୀ ସାପୁଆ ଓ କଣ୍ଟିଆରେ ବ୍ୟାପକ ବନ୍ୟାଜଳ ଆସିଛି। ଫଳରେ କଟକ ଜିଲା ଆଠଗଡ଼ ବ୍ଲକର ୪ ପଞ୍ଚାୟତର ୧୬ ଗାଁ ବନ୍ୟାଜଳ ପ୍ଲାବିତ ହୋଇଛି। ଏଥିସହ ବନ୍ୟାଜଳ ଆଠଗଡ଼ ଏନ୍ଏସି ୩, ୪, ୧୧, ୧୨, ୧୩ ନମ୍ବର ୱାର୍ଡରେ ପ୍ରବେଶ କରିଛି। ଏହି ବନ୍ୟାରେ ସାପୁଆ ନଦୀର ଅବବାହିକା ଇଚ୍ଛାପୁରଠାରେ ୨ଟି ଓ ମହାକାଳବସ୍ତ ଗାଁ ନିକଟରେ ଗୋଟିଏ ଘାଇ ସୃଷ୍ଟି ହୋଇଛି। ପୁରୁଣା କଟକ-ସମ୍ବଲପୁର ରାସ୍ତାର କନ୍ତୋଲ, ଆଙ୍କୁଲାପାଟ, ନଡୁଆପଡାଠାରେ ରାସ୍ତା ଉପରେ ୩ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଏହି ରାସ୍ତାରେ ଗମନାଗମନ ବ୍ୟାହତ ହୋଇଛି। ରାସ୍ତା ଦେଇ କଟକ, ଭୁବନେଶ୍ୱରରୁ ରାଜ୍ୟର ପଶ୍ଚିମାଞ୍ଚଳକୁ ଯାନବାହନ ଯାତାୟାତ ବନ୍ଦ ରହିଛି।

ଇଚ୍ଛାପୁରଠାରେ ସାପୁଆ ନଦୀ ବନ୍ଧରେ ଘାଇ ଫଳରେ ଇଚ୍ଛାପୁର, ଗୁଡୁପଦା ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଏଥିସହ ଇଚ୍ଛାପୁର, ଗୁଡୁପଡା, ଖୁଣ୍ଟକଟା ପଞ୍ଚାୟତର ରେଗେଡାପଡା, ସମସରପୁର ପଞ୍ଚାୟତର ନଡୁଆପଡା ଗାଁରେ ବନ୍ୟାଜଳ ପ୍ରବାହିତ ହେଉଛି। ସମସରପୁର, ଖୁଣ୍ଟକଟା, ଜେନାପଦା ତଥା ସଂଲଗ୍ନ ଢେଙ୍କାନାଳ ସଦର ବ୍ଲକର ଶଙ୍କରପୁର ପଞ୍ଚାୟତରେ ବ୍ୟାପକ ଚାଷଜମି ଜଳମଗ୍ନ ହୋଇଛି। ଫଳରେ ଥୋଡ ଧରି ଆସୁଥିବା ଧାନ, ମକା ଓ ଫୁଲକୋବି ଆଦି ପରିବା ଫସଲ ନଷ୍ଟ ହୋଇଯାଇଛି। ସେହିପରି ମହାକାଳବସ୍ତ ପଞ୍ଚାୟତ ନିକଟରେ ସୃଷ୍ଟି ହୋଇଥିବା ଘାଇ ଯୋଗୁ ଦହିସରା ଆଦି ଗ୍ରାମର ବ୍ୟାପକ ଚାଷଜମି ଜଳମଗ୍ନ କରିଛି। ବ୍ୟାପକ ଧାନ ଓ ପରିବାର ଚାଷ ପ୍ରବାହିତ ହୋଇଛି। କଣ୍ଟିଆ ନଦୀରେ ୬୫ ନଂ. ରାଜ୍ୟ ରାଜପଥ ଆଠଗଡ଼ ବ୍ଲକର ଗୋପୀନାଥପୁରଠାରେ ଘାଇ ହେବା ଫଳରେ ତରଡିଙ୍ଗ, ବାଇଲୋ ଆଦି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସମ୍ପୃକ୍ତ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ବନ୍ୟାବିପନ୍ନମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ବନ୍ୟା ପ୍ରଭାବିତ ୧୬ ଗ୍ରାମରୁ ୫,୧୮୩ ଜଣଙ୍କୁ କୋଠଘର, ବିଦ୍ୟାଳୟ ଆଦି ନିରାପଦ ଜାଗାକୁ ସ୍ଥାନାନ୍ତର କରାଯାଇଛି। ଆଠଗଡ଼ ଅଞ୍ଚଳରେ ୨୪୧ମିମି ବର୍ଷା ରେକର୍ଡ କରାଯାଇଛି। ସାପୁଆ ନଦୀର ଉପରମୁଣ୍ଡ ଢେଙ୍କାନାଳ ଜିଲା ହିନ୍ଦୋଳଠାରେ ୨୦୦ମିମି ବର୍ଷା ରେକର୍ଡ ହୋଇଛି। ଫଳରେ ନଦୀର ଅବବାହିକାରେ ବନ୍ୟା ପରିସ୍ଥିତି ଉପୁଜିଛି। ଆଠଗଡ଼ ଅଞ୍ଚଳରେ ବର୍ଷା କମିଥିବା ବେଳେ ଉପରେ ମୁଣ୍ଡରେ ବର୍ଷା ଲାଗି ରହିଥିବା ବିଡିଓ ଅରୁଣ କୁମାର ଦାସ ସୂଚନା ଦେଇଛନ୍ତି। ବନ୍ୟାଜଳ କମିବା ପରେ ବିଭାଗୀୟ ଅଧିକାରୀମାନଙ୍କ ଜରିଆରେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ଉପଜିଲାପାଳ ଅଜାମ୍ବର ମହାନ୍ତି କହିଛନ୍ତି। ସେହିପରି ଆଠଗଡ଼ ଏନ୍ଏସିରେ ବିଭିନ୍ନ ୱାର୍ଡରୁ ୫୦୦ଜଣ ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ସେମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାର ଯୋଜନା ରହିଛି। ଆବଶ୍ୟକ ସ୍ଥଳେ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ନିର୍ବାହୀ ଅଧିକାରୀ ଆଶାଲତା ରଚମାଲ ସୂଚନା ଦେଇଛନ୍ତି।

# ମହାନଦୀପଠାରେ ୪ ଯୁବକ ଫସିଲେ

ବାଙ୍କୀ,୧୪।୯(ସ୍ୱ.ପ୍ର.)

- ୧୨ ଗାଈ ଭାସିଗଲେ
- ଦମକଳ ବାହିନୀ ଉଦ୍ଧାର କଲା

ବାଙ୍କୀ ଥାନା ଅନ୍ତର୍ଗତ ରତାଗଡ଼ ପଞ୍ଚାୟତର ସହଙ୍ଗା ଗୋପାଳପୁର ଗ୍ରାମର ୪ ଜଣ ଯୁବକ ଗୁରୁବାର ମହାନଦୀ ପାଣିରେ ଫସି ଯାଇଥିଲେ। ଖବରପାଇ ବାଙ୍କୀ ଦମକଳ ବାହିନୀ କର୍ମଚାରୀ ସେଠାରେ ପହଞ୍ଚି ସମ୍ପୃକ୍ତ ଯୁବକମାନଙ୍କୁ ଉଦ୍ଧାର କରିଛନ୍ତି। ଅପରପକ୍ଷେ ୧୨ ଗାଈ ବଢ଼ିପାଣିରେ ଭାସିଯାଇଥିବା ଜଣାପଡ଼ିଛି। ସହଙ୍ଗା ଗୋପାଳପୁରର ମଳୟ ରଞ୍ଜନ ରାଉତଙ୍କ ସହ ୩ ଜଣ ଯୁବକ ନିଜ ଗାଈ ଚରଇବାକୁ ମହାନଦୀ ବାଲି ପଠାକୁ ନେଇଥିଲେ। ଅପରାହ୍ନ ସମୟରେ ଗାଈମାନଙ୍କୁ ଆଣିବାକୁ ସେମାନେ ପଠାକୁ ଯାଇଥିଲେ। ଏହି ସମୟରେ ହଠାତ୍ ବଢ଼ି ପାଣି ଆସିବାରୁ ସେମାନେ ଫସିଯାଇଥିଲେ। ଖବରପାଇ ବାଙ୍କୀ ଅଗ୍ନିଶମବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବୋଟ୍ ଯୋଗେ ଫସିଯାଇଥିବା ଯୁବକମାନଙ୍କୁ ଉଦ୍ଧାର କରିଛନ୍ତି। ଭାସିଯାଇଥିବା ୧୨ ଗାଈ ବ୍ୟତୀତ ଆଉ କିଛି ଗାଈ ଘରକୁ ଫେରି ଆସିଛନ୍ତି ବୋଲି ଯୁବକମାନେ ସୂଚନା ଦେଇଛନ୍ତି।

# ୩ ଦୋକାନରେ ଚଢ଼ାଉ, ୧୫ ହଜାର ଜରିମାନା

## ବିନା ଫୁଡ୍ ଲାଇସେନ୍ସରେ ଚାଲିଥିଲା ବ୍ୟବସାୟ

କଟକ ଅଫିସ,୧୪।୯

ମାଲଗୋଦାମ ଅଞ୍ଚଳରେ ବିନା ଫୁଡ୍ ଲାଇସେନ୍ସରେ ଚାଲିଥିବା ୩ଟି ଦୋକାନ ଉପରେ କଟକ ମହାନଗର ନିଗମ (ସିଏମ୍‌ସି) ଓ କମିଶନରେଟ ପୋଲିସ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇଥିଲା। ପରେ ୩ ଦୋକାନୀଙ୍କଠାରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେମାନେ ବିଭିନ୍ନ ସାମଗ୍ରୀରେ ଅପମିଶ୍ରଣ କରୁଥିବା ସନ୍ଦେହକରି ଏହି ଚଢାଉ କରାଯାଇଥିଲା। ଏଥିସହ ସେଠାରୁ ବିଭିନ୍ନ ସାମଗ୍ରୀର ନମୂନା ସଂଗ୍ରହ କରି ପରୀକ୍ଷା ପାନିଁ ନିଆଯାଇଥିଲା। ଏହି ଚଢାଉରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର, ସାନିଟାରୀ ଇନ୍ସପେକ୍ଟର ଭଗବାନ ଲେଙ୍କା ଓ ମାଲଗୋଦାମ ଥାନା ପୋଲିସ ଉପସ୍ଥିତ ଥିଲେ। ସହରର ଅନେକ ସ୍ଥାନରେ ନିମ୍ନମାନର ଓ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରି ହେଉଥିବା ଅଭିଯୋଗ ଆସିବା ପରେ ସିଏମ୍‌ସି ପକ୍ଷରୁ ଚଢାଉ କରାଯାଉଛି। ଏବେ କେନ୍ଦ୍ର ସରକାରଙ୍କ ତରଫରୁ ଖାଦ୍ୟ ଅପମିଶ୍ରଣକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଆସିଛି। ମାଲଗୋଦାମ ଅଞ୍ଚଳରେ ଥିବା ତେଜରାତି ଦୋକାନୀ, ରେଷ୍ଟୁରାଣ୍ଟ ଓ ଷ୍ଟ୍ରିଟଫୁଡ ବ୍ୟବସାୟୀ କିଭଳି ଭାବେ ଫୁଡ୍ ଲାଇସେନ୍ସ କରିବେ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ସହରର ବିଭିନ୍ନ ସ୍ଥାନରେ କ୍ୟାମ୍ପ ଅନୁଷ୍ଠିତ ହେବ। ଛୋଟ ଦୋକାନୀ ଓ ଷ୍ଟ୍ରିଟଫୁଡ୍ ବ୍ୟବସାୟୀମାନେ ୧୦୦ଟଙ୍କା ଦେଇ ବାର୍ଷିକ ଲାଇସେନ୍ସ ପାଇଁ ରେଜିଷ୍ଟ୍ରେଶନ କରିପାରିବେ। ସେହିପରି ବାର୍ଷିକ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟବସାୟ କରୁଥିବା ବ୍ୟବସାୟୀ ଫୁଡ୍ ଲାଇସେନ୍ସ କରିବେ। ସେଥିପାଇଁ ସର୍ବନିମ୍ନ ୨ହଜାର ଟଙ୍କା ପଇଠ କରିବାକୁ ପଡିବ। ଫଳରେ ଲୋକମାନେ ଉତ୍ତମ ଖାଦ୍ୟ ସାମଗ୍ରୀ ପାଇପାରିବେ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର କହିଛନ୍ତି।



କଟକ ଶିଳ୍ପୀକୁମ୍ଭାର ସାହି ଅଞ୍ଚଳରେ ଜଣେ ଶିଳ୍ପୀ ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତୀରେ ରଙ୍ଗତୂଳୀରେ ନୂତନ ରୂପରେଖ ଦେଉଛନ୍ତି।

### ଶୈଳବାଳା କଲେଜରେ ଆଲୋଚନାଚକ୍ର

କଟକ ଅଫିସ, ୧୪।୯

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗରେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ମଙ୍ଗଳବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଦିଲ୍ଲୀସ୍ଥିତ ଶୋଭିତ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ଅଧ୍ୟାପକ ଦେବେନ୍ଦ୍ର ନାଥ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ବର୍ତ୍ତମାନ ଆର୍ଥିକ ପରିଦୃଶ୍ୟରେ ଗାନ୍ଧୀବାଦୀ ବିଚାରର ପ୍ରାସଙ୍ଗିକତା' ସମ୍ବନ୍ଧରେ କହିଥିଲେ। ଏଥିରେ କଲେଜ ଅଧ୍ୟକ୍ଷା ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପିକା ଡ. ବନ୍ଦନା ପାଠକ ଅତିଥି ପରିଚୟ, ଅଧ୍ୟାପିକା ମମତାରାଣୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ସେମିନାର ସମ୍ପାଦିକା ବନିତା ବେହୁରା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ।

# ଆଜିଠୁ ଯୁକ୍ତ ୩ ନାମଲେଖା

## ରେଭେନ୍ସା ବିଶ୍ୱବିଦ୍ୟାଳୟ

କଟକ ଅଫିସ,୧୪।୯

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ନାମଲେଖା ବୁଧବାରଠାରୁ ଆରମ୍ଭ ହେବ। ଏହି ପ୍ରକ୍ରିୟା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୫ଟି ବିଭାଗରେ ନାମଲେଖା ପାଇଁ ୧୫ ହଜାର ୨୪ ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେଥିମଧ୍ୟରୁ ୨,୬୪୦ ଛାତ୍ରୀଛାତ୍ରଙ୍କ ଯୋଗ୍ୟତା ମେଧା ତାଲିକା ରେଭେନ୍ସା ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟରେ ପ୍ରକାଶ ପାଇଛି। ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ଲାଗି ତାରିଖ ନିର୍ଦ୍ଧାରଣ କରାଯାଇଛି। ବାଣିଜ୍ୟ ବିଭାଗରେ ନାମଲେଖା ଲାଗି ୧୫ ତାରିଖ ଧାର୍ଯ୍ୟ କରାଯାଇଥିବାବେଳେ ୧୬ରେ ବିଜ୍ଞାନ ବିଭାଗ, ୧୭ ଓ ୧୮ତାରିଖରେ କଳା ବିଭାଗ, ୨୦ରେ ଆଇଟିଏମ୍, ଆଇଏସ୍‌ଟି, ଡିଏସ୍‌ମ ବିଭାଗ ଓ ୨୨ତାରିଖରେ ବିବିଏ, ସାମ୍ବାଦିକ ଓ ଗଣମାଧ୍ୟମ ବିଭାଗରେ ନାମ ଲେଖାହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ଜବରଦଖଲ ଉଚ୍ଛେଦ: ଭଙ୍ଗାହେଲା ୨୫ ଦୋକାନ

କଟକ ଅଫିସ,୧୪।୯

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ବିଶ୍ୱସ୍ତରୀୟ ହେବ। ଏଥିପାଇଁ ମେଡିକାଲକୁ ସଂଯୋଗ କରୁଥିବା ରାସ୍ତାଗୁଡିକରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି । ଏହି କ୍ରମରେ ମଙ୍ଗଳବାର ପିଲିଗ୍ରୀମ ରୋଡରେ ଥିବା ୨୫ଟି ଦୋକାନକୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଭଙ୍ଗାଯାଇଛି। ଏଥିସହ ଭଙ୍ଗାଯାଇଥିବା ଦୋକାନ ମାଲିକଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଦିଆଯାଇଥିବା ସିଏମ୍‌ସି ଡେପୁଟି କମିଶନର ଅଭିନାଶ ରାଉତ ସୂଚନା ଦେଇଛନ୍ତି। ଉଚ୍ଛେଦ ସମୟରେ ଡେପୁଟି କମିଶନର ରାଉତଙ୍କ ସମେତ ସ୍ଥାନୀୟ ଥାନାର ଅଧିକାରୀ ଉପସ୍ଥିତ ଥିଲେ।

# ବର୍ଷାରେ ଭୁଶୁଡ଼ିଲା ଥାନା ବାରାକ ଗୃହ

କଣ୍ଟାପଡା, ୧୪।୯(ଡି.ଏନ୍.ଏ.)

ଲଘୁଚାପ ବର୍ଷାରେ ଗୋବିନ୍ଦପୁର ଥାନା ବାରାକର ଗୋଟିଏ ପାର୍ଶ୍ୱ ଗୃହ ସୋମବାର ବିଳମ୍ବିତ ରାତିରେ ଭୁଶୁଡି ପଡିଛି। ବ୍ରିଟିଶ ଅମଳର ଏହି ଥାନା କାନ୍ଥ ମାଟିରେ ନିର୍ମିତ ହୋଇଥିବାବେଳେ ଏହା ବିପଦସଙ୍କୁଳ ଅବସ୍ଥାରେ ଥିଲା। ତେବେ କଣ୍ଟାପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହାର ମରାମତି କାମ ଆରମ୍ଭ ହୋଇଥିଲା। ଭୁଶୁଡି ପଡିଥିବା ଗୃହରେ ଆଜବେଷ୍ଟସ ପକାଯାଇଥିଲା। ପ୍ରବଳ ବର୍ଷା ଯୋଗୁ ଏହି ଦୁର୍ଘଟଣା ଘଟିଥିଲା। ବାରାକରେ କେହି ରହୁ ନ ଥିବା ଜଣାପଡିଛି।

# ୨ ଦିନ ବିଦ୍ୟୁତ୍ ସରବରାହ ବ୍ୟାହତ

ସାଲେପୁର,୧୪।୯(ଡି. ଏନ.ଏ)

ସାଲେପୁର ବ୍ଲକରେ ୨ ଦିନ ହେବ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଲଘୁଚାପ ବର୍ଷା ଯୋଗୁ ବିଦ୍ୟୁତ୍ ସେବା ବନ୍ଦ ରହିଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାଘାଟ ଅନ୍ଧାର ରହିଥିବାରୁ ଯାତାୟାତ ବେଳେ ଭୟ ଲାଗୁଛି ବୋଲି ଲୋକେ କହିଛନ୍ତି। ତୁରନ୍ତ ବିଦ୍ୟୁତ୍ ସମସ୍ୟାର ସମାଧାନ କରିବାକୁ ଶିଶୁଆ ବିଦ୍ୟୁତ୍ ଉପଭୋକ୍ତା ସଂଘ ସଭାପତି ଦିଲୀପ ଦାଶ ଦାବି କରିଛନ୍ତି। ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।



କଟକ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନେ ଯୁକ୍ତ ୨ରେ ଆଡ୍‌ମିଶନ କରୁଛନ୍ତି।

# 'ଓଡ଼ିଆ ଜାତିର ଅସ୍ମିତା ଗଢ଼ିଛି ଭାଗବତ'





ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିମାନେ।

ଭୁବନେଶ୍ୱର, ୧୪।୯ (ବ୍ୟୁରୋ)

## ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମ ସ୍ଥାନରେ ଜୟନ୍ତୀ ପାଳନ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାଗବତ ପାଠ ଓ ବେଦ ପାଠ କରାଯାଇଥିଲା। ପରେ ଶାଶ୍ୱତୀ ସୋସିଆଲ କଲ୍‌ଚରାଲ୍ ସେଣ୍ଟର ପକ୍ଷରୁ ଭାଗବତ ପାଠ ସହ ଅତିବଡ଼ୀଙ୍କ ରଚନାରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ପୌରୋହିତ୍ୟ କରି କହିଲେ, ଭାଗବତ ଏକ ଗ୍ରନ୍ଥ ହୋଇ ଏହାର ଜନ୍ମଦିବସ ପାଳନ ହେବା ସହ ଜୀବନ୍ତ ବ୍ୟକ୍ତି ଭଳି ଅନ୍ନ ଏବଂ ବ୍ୟଞ୍ଜନ ଭୋଗ ଲଗା ହେଉଛି। ଯାହାକି ସମଗ୍ର ପୃଥିବୀରେ ବିରଳ।

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଉଦ୍‌ଘାଟକ ଭାବେ ଯୋଗଦେଇ କହିଲେ, ଭାଗବତ ରଚନା ହୋଇ ନ ଥିଲେ ଓଡ଼ିଆ ଜାତିର ଅସ୍ମିତା ସମ୍ପୂର୍ଣ୍ଣ ହୋଇପାରି ନ ଥାନ୍ତା। ଓଡ଼ିଆ ଜାତିକୁ ରାଜନୀତି ନୁହେଁ ବରଂ ଭାଗବତ ଏକାଠି କରିଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ, ଆମ ରାଜ୍ୟରେ ୭ହଜାର ୨ଶହ ଭାଗବତ ଟୁଙ୍ଗୀ ସ୍ଥାପିତ ହୋଇଛି। ଓଡ଼ିଶାର ଘରେ ଘରେ ଭାଗବତର ଅସ୍ମିତାକୁ ପହଞ୍ଚାଇବା ଏହାର ଲକ୍ଷ୍ୟ। ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ ଯୁକ୍ତ ୨ ସ୍ତର ଯାଏ ସ୍କୁଲରେ ଭାଗବତକୁ ପାଠ୍ୟକ୍ରମ ଭାବେ ଅନ୍ତର୍ଭୁକ୍ତ କରାଯିବା ଦରକାର ବୋଲି ମତ ଦେଇଛନ୍ତି। ଏହାଦ୍ୱାରା ତରୁଣମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଭାବେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ନିର୍ଦ୍ଦେଶକ ଡ. ବସନ୍ତ କୁମାର ପଣ୍ଡା ଯୋଗଦେଇ ଭାଗବତ ରଚନା ସମଗ୍ର ଓଡ଼ିଶାରେ ଏକ ସାଂସ୍କୃତିକ ବିପ୍ଳବ ଆଣିଥିଲା। ଓଡ଼ିଆ ଭାଗବତ ଓଡ଼ିଆ ଜାତିର ଅସ୍ମିତା ନିର୍ମାଣ କରିଛି ବୋଲି କହିଛନ୍ତି। ଏକାଡେମୀ ସହସଚିବ ପ୍ରଦୀପ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସଭାପତି ଡ. ସଂଗ୍ରାମ ଜେନା ଉପସଂହାର ବକ୍ତବ୍ୟ ରଖିଥିଲେ। ସୁଜାତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ଏକାଡେମୀ ପକ୍ଷରୁ ପ୍ରାତଃ ୮ଟାରେ ସଂସ୍କୃତି ଭବନ ପରିସରସ୍ଥ ଅତିବଡ଼ୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ଏଥିରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ, ଏକାଡେମୀ ସଭାପତି, ଉପସଭାପତି, ସହସଚିବ, ସଦସ୍ୟ ଡ. ବିବେକାନନ୍ଦ ପାଣିଗ୍ରାହୀ, କବି ଡ. ପ୍ରସନ୍ନ କୁମାର ମହାନ୍ତି, ଖବରଦାତା ଅରୁଣ କାନୁନ୍‌ଗୋ ଓ ଏକାଡେମୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ଅତିବଡ଼ୀଙ୍କ ଜନ୍ମସ୍ଥାନ ପୁରୀ ଜିଲା କପିଳେଶ୍ୱରପୁର ଶାସନରେ ଏକାଡେମୀ ପକ୍ଷରୁ ଦିବସ ବ୍ୟାପୀ ଜୟନ୍ତୀ ସମାରୋହ ପାଳିତ ହୋଇଛି। ସଭାରେ ସାହିତ୍ୟିକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, କବି ବଦ୍ରି ମିଶ୍ର, ସଂସ୍କୃତି ଗବେଷକ ଡ. ସିଦ୍ଧେଶ୍ୱର ମହାପାତ୍ର ଏବଂ ଯୁବ ପ୍ରବଚକ ଜ୍ଞାନାନନ୍ଦ ସାଗର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।